

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୮ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 28 APRIL 2021

Vol.No. 32 ■ No. 108 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ବିଷ୍ଣୁବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

କରୋନାରେ ଦେଶରେ ଗତ ୨୪ ଘଂଟାରେ ୩,୨୩,୧୪୪ ନୂଆ ମାମଲା

ନୂଆଦିଲ୍ଲୀ,୨୭/୦୪ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩,୨୩,୧୪୪ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୨୭୭୧ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୭୬,୩୬,୩୦୭ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୮,୮୨,୨୦୪ ଥିବା ବେଳେ ବର୍ତମାନ ସୁଦ୍ଧା ୧,୯୭,୮୯୪ ଜଣ ମୃତ୍ୟୁ ବରଣ କରିଛନ୍ତି ।

ଆଉ ନାହାନ୍ତି ଓଡିଆ ସାହିତ୍ୟର ମଉଡମଣି

ପରଲୋକରେ ବିଶିଷ୍ଟ ସାହିତ୍ୟିକ ମନୋଜ ଦାସ

ଭୁବନେଶ୍ୱର,୨୭/୦୪ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ ମନୋଜ ଦାସଙ୍କର ଆଜି ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ହୋଇଥିଲା । ପୁଡୁଚେରୀ ଆଶ୍ରମ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି । ମନୋଜ ଦାସଙ୍କ ପରଲୋକ ନେଇ ପରିବାର ପକ୍ଷରୁ ସୂଚନା ମିଳିଛି । ଦୀର୍ଘ ଦିନ ଧରି ସେ ଅସୁସ୍ଥ ଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଆଜି ସେ ଶେଷନଃଶ୍ୱାସ ତ୍ୟାଗ କରିଛନ୍ତି । ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ମନୋଜ ଦାସଙ୍କ ଅବଦାନ ଇଂରାଜୀ ଓ ଓଡ଼ିଆ ସାହିତ୍ୟ ପାଇଁ ଥିଲା ଅତୁଳନୀୟ । ଅନେକ କାଳଜୟୀ ଓଡ଼ିଆ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପର ସ୍ରଷ୍ଟା ଥିଲେ ମନୋଜ ଦାସ । ସେ ଅମୃତ ଫଳ, ଶେଷ ତାନ୍ତ୍ରିକର ସନ୍ଧାନରେ, ଆରଣ୍ୟକ, ଲକ୍ଷ୍ମୀର ଅଭିସାର, ଆବୁ ପୁରୁଷ, ଶେଷ ବସନ୍ତର ଚିଠି, ଅରଣ୍ୟ ଉଲ୍ଲାସର ରଚୟତା । ତାଙ୍କୁ ୨୦୦୧ରେ ପଦ୍ମଶ୍ରୀ ଓ ୨୦୨୦ରେ ଭାରତ ସରକାର ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ । ମନୋଜ ଦାସ ବାଲେଶ୍ୱର ଜିଲ୍ଲାର ଶଙ୍ଖାରି ଗ୍ରାମଠାରେ ୧୯୩୪ ମସିହା ଫେବୃଆରୀ ୨୭ ତାରିଖ ଜନ୍ମଗ୍ରହଣ କରିଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲରେ ପଢିବା ସମୟରେ ତାଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ବିକଶିତ ହୋଇଥିଲା । ସେତେବେଳେ ବଡ଼ଭାଇ ମନ୍ମଥ ନାଥ ଦାସ ଫକୀର ମୋହନ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଥିଲେ । ବାଲେଶ୍ୱରରେ ଅଧ୍ୟୟନ କରୁଥିବା ସମୟରେ ତାଙ୍କର ପ୍ରଥମ ଗ୍ରନ୍ଥ ସଂକଳନ 'ସମୁଦ୍ରର କ୍ଷୁଧା' ପ୍ରକାଶ ପାଇଥିଲା । ସେହି ସମୟରେ ସେ 'ଦିଗନ୍ତ' ପତ୍ରିକା ସମ୍ପାଦନା ଆରମ୍ଭ କରିଥିଲେ । ପରେ ମନୋଜ ଦାସ ବାମପନ୍ଥୀ ଆନ୍ଦୋଳନରେ ଯୋଗ ଦେଇଥିଲେ । ୧୯୫୫ ମସିହାରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରି କଟକରେ ଆଇନ୍ ବିଭାଗରେ ଅଧ୍ୟୟନ କରିଥିଲେ । ରେଭେନ୍ସ । ▶▶ପୃଷ୍ଠା ୭

ମୁଖ୍ୟମନ୍ତ୍ରୀଙ୍କ କରୋନା ସ୍ଥିତି ସମୀକ୍ଷା

ପର୍ଯ୍ୟାପ୍ତ ଜରୁରୀ ଔଷଧ ମହଜୁଦ ଓ ଅକ୍ସିଜେନ ଯୋଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୭/୦୪ (ନି.ପ୍ର): କୋଭିଡ ରୋଗର ଚିକିତ୍ସାରେ ଅକ୍ସିଜେନର ଗୁରୁତ୍ୱ ସବୁଠାରୁ ଅଧିକ । ତେଣୁ ଅକ୍ସିଜେନ ଯୋଗାଣ ଯେପରି ସୁବ୍ୟବସ୍ଥିତ ଭାବରେ ଜାରି ରହିବ, ତାହାର ତଦାରଖ କରିବା ସହିତ ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଯେପରି ରୋଗୀ ପାଖରେ ପହଂଚି ପାରିବ, ସେଥିପ୍ରତି ଯତ୍ନବାନ ହେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ଜରୁରୀ ଔଷଧ ମହଜୁଦ ରଖିବା ଏବଂ ତାହାର ଯୋଗାଣ ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି । ଖୁବଶୀଘ୍ର ଶଯ୍ୟା ଉପଲବ୍ଧତାକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ଅନଲାଇନ୍ ରିୟଲ ଟାଇମ୍ ବେଡ୍ ମ୍ୟାନେଜମେଂଟ ସିଷ୍ଟମ୍ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଥିଲେ । ମଙ୍ଗଳବାର ଦିନ ରାଜ୍ୟରେ କୋଭିଡ୍ ସ୍ଥିତିର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗୋଟିଏ ସଂକ୍ରମଣ କମିଲେ ଗୋଟିଏ ଆଇୟୁ ଓ ବେଡ୍ ଉପରୁ ଚାପ କମିଥାଏ । ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଯେପରି ଚାପ କମ୍ ରହିବ, ସେଥିପାଇଁ ଆମକୁ ଦାୟିତ୍ୱପୂର୍ଣ୍ଣ ଭାବରେ କାମ କରିବାକୁ ହେବ । ସାରା ଦେଶ ବର୍ତମାନ ଏକ ଗୁରୁତର ସଂକଟ ମଧ୍ୟ ଦେଇ ଗତି କରୁଛି । ବଡ ବଡ ସହର ଓ ମେଟ୍ରୋ ମାନଙ୍କରେ ସ୍ୱାସ୍ଥ୍ୟ ସେବା ସଂପୂର୍ଣ୍ଣ ଚାପଗ୍ରସ୍ତ । ▶▶ପୃଷ୍ଠା ୭

ମେ' ଦ୍ୱିତୀୟ ସପ୍ତାହରେ ସଂକ୍ରମଣ ପିକ୍‌ରେ ପହଂଚିବ !

ଭୁବନେଶ୍ୱର,୨୭/୦୪ (ନି.ପ୍ର): ରାଜ୍ୟରେ ଏବେ କରୋନା ସଂକ୍ରମଣ ପ୍ଲାଟ ଫେଜ୍ ଚାଲିଥିବା ବେଳେ ମେ' ଦ୍ୱିତୀୟ ସପ୍ତାହ ବେଳକୁ ଆସିପାରେ କରୋନା ପିକ୍ । ଆଇଆଇଟି କାନପୁରର ଗବେଷଣା ଅନୁସାରେ ମେ ମାସରେ ସର୍ବୋଚ୍ଚ ସ୍ତରରେ ସଂକ୍ରମଣ ପହଂଚିପାରେ ।ଏହି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର । ତେବେ ରାଜ୍ୟରେ ଟେଷ୍ଟିଂ କମିନି କିମ୍ବା ଟେଷ୍ଟିଂ କିଟ୍ ର କୌଣସି ଅଭାବ ନାହିଁ । ଏବେ ଲୋକେ ନିଜେ ନିଜେ ଆସି ଟେଷ୍ଟିଂ କରାଉଛନ୍ତି । ଅପରପକ୍ଷରେ କିଛି ଲୋକ ରେମଡେସିଭିରକୁ ଘରେ ଅଯଥାରେ ମହଜୁଦ ରଖି କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି । ଏହି ଔଷଧ କରୋନା ପାଇଁ ଅବ୍ୟର୍ଥ ନୁହେଁ । ସରକାରୀ ସ୍ତରରେ ଦରକାର ମୁତାବକ ମେଡିସିନ ଅଛି । ବେଡର ମଧ୍ୟ ଅଭାବ ରହିବ ନାହିଁ । କାରଣ ୪ଟି ଲେଖାଏଁ ଜିଲ୍ଲାକୁ ନେଇ କ୍ଲଷ୍ଟର କରାଯାଉଛି । ସେହି ଜିଲ୍ଲା ଭିତରେ ରୋଗୀଙ୍କୁ ବେଡ୍ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ରୋଗୀ ଗୁରୁତର ନ ଥିଲେ ହସ୍ପିଟାଲ ବେଡ୍ ରେ ନ ରହି ଘରେ ରୁହନ୍ତୁ । ଏପରି ହେଲେ ପ୍ରକୃତରେ ଦରକାର ହେଉଥିବା ଲୋକଙ୍କୁ ହସ୍ପିଟାଲ ବେଡ୍ ମିଳିବନି । ଲୋକ ସତର୍କତା ଅବଲମ୍ବନ କଲେ ନିହାତି ଭାବେ ସଂକ୍ରମଣ ନିୟନ୍ତ୍ରଣକୁ ଆସିଯିବ । ବେଡ କ୍ଷମତାର ମାତ୍ର ୨୫ରୁ ୩୦ ପ୍ରତିଶତରେ ରୋଗୀ ଅଛନ୍ତି । ଅବଶିଷ୍ଟ ଖାଲି ପଡ଼ିଛି ।

କରୋନା ମୁକାବିଲା ପାଇଁ ପଶ୍ଚିମ ଓଡିଶା ଗଲେ ୧୨ ଓଏଏସ ଅଧିକାରୀ

ଭୁବନେଶ୍ୱର,୨୭/୦୪ (ନି.ପ୍ର): ପଶ୍ଚିମ ଓଡ଼ିଶାରେ କରୋନା ସ୍ଥିତି ଚିନ୍ତାଜନକ ଥିବାରୁ ରାଜ୍ୟ ସରକାର ଆଜି ୧୨ ଜଣ ବରିଷ୍ଠ ଓଏଏସ ଅଧିକାରୀଙ୍କୁ ସେଠାକୁ ପଠାଇଛନ୍ତି । ଏହି ଅଧିକାରୀମାନେ କରୋନା ମୁକାବିଲା କ୍ଷେତ୍ରରେ ଜିଲ୍ଲା ପ୍ରଶାସନକୁ ସହାୟତା କରିବେ । ନୂଆପଡ଼ା ଜିଲ୍ଲାକୁ ବିବେକାନନ୍ଦ ସାହୁ, ହେମନ୍ତ ସିଂହ ଓ ଶ୍ୱେତ କୁମାର ଦାସଙ୍କୁ ପଠାଯାଇଛି । ବଲାଙ୍ଗିର ଜିଲ୍ଲାକୁ ଅଯୋଧ୍ୟାକାନ୍ତ ଶତପଥୀ ଓ ଦିଲ୍ଲୀପ ମହାପାତ୍ରଙ୍କୁ ପଠାଯାଇଛି । ଅନ୍ୟପକ୍ଷରେ ବରଗଡ଼ ଜିଲ୍ଲାକୁ ଦୁର୍ଗା ପ୍ରସାଦ ମହାପାତ୍ର ଓ ଧିରେନ୍ଦ୍ରନାଥ କରଙ୍କୁ ଓ ସମ୍ବଲପୁର ଜିଲ୍ଲାକୁ ଗଲେ ମଧୁସୂଦନ ବେହେରା, ପ୍ରଭାତ ସାହୁ ଓ ସନ୍ତୋଷ ଦାସଙ୍କୁ ପଠାଯାଇଛି । ସେହିପରି ସୁନ୍ଦରଗଡ଼ ଜିଲ୍ଲାକୁ ଆଶିଷ ଜେନା ଏବଂ ଦେବାଶିଷ ପଟ୍ଟନାୟକଙ୍କୁ ପଠାଯାଇଛି । ତୁରନ୍ତ ଏସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ରିପୋର୍ଟ କରିବାକୁ ଏମାନଙ୍କୁ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ପ୍ରଣମ୍ୟ ମନୋଜ ଦାସଙ୍କ ବିୟୋଗରେ ଶୋକାଞ୍ଜଳି

ଓଡ଼ିଆ ସାହିତ୍ୟର ମହାନାୟକ ତଥା ଭାରତୀୟ ସାହିତ୍ୟର ଚଳନ୍ତି ସ୍ୱର, ବାଲେଶ୍ୱର ମାଟିର ଗର୍ବ ଗୌରବ ଶ୍ରୀଯୁକ୍ତ ମନୋଜ ଦାସ ଆମ ଗହଣରେ ନାହାନ୍ତି । ସେହି ମହାନ୍ ବ୍ୟକ୍ତିଙ୍କ ଦେହାବସାନ କେବଳ ଆମ ଜାତି ପାଇଁ ଗୋଟେ ଅପୂରଣୀୟ କ୍ଷତି । ସେଇ ମହାନ ଆତ୍ମା ପ୍ରତି ଧ୍ୱନି ପ୍ରତିଧ୍ୱନିର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି । ତାଙ୍କ ଅମର ଆତ୍ମାର ସଦଗତି ହେଉ ଏତିକି ପ୍ରାର୍ଥନା ।

- ଧ୍ୱନି ପ୍ରତିଧ୍ୱନି

ବିଶ୍ୱ ବିଦିତ ମହାନ କଥାକାର ମନୋଜ ଦାସଙ୍କ ଆକସ୍ମିକ ପରଲୋକ ସମସ୍ତ ସାହିତ୍ୟିକମାନଙ୍କ ପାଇଁ ଏକ ଅପୂରଣୀୟ କ୍ଷତି । ଫକୀରମୋହନ ଓ ଗୋପିନାଥଙ୍କ ପରେ ଯେଉଁ ନୂଆ କଥା ସାହିତ୍ୟର ଯୁଗ ଆରମ୍ଭ ହୋଇଥିଲା ଆଜି ତାର ଅବସାନ ଘଟିଲା । ବ୍ୟକ୍ତିଗତ ଭାବରେ ମୋର ତାଙ୍କ ସହିତ ଯେଉଁ ସମ୍ପର୍କ ଥିଲା ତାହା ଆମୃତ୍ୟୁ ଅବିସ୍ମରଣୀୟ

- ଡ. କୁଞ୍ଜ ବିହାରୀ ଧଳ

ଓଡ଼ିଆ ମାଟି ମା'ର ଲଲାଟ ତିଳକ ସଦୃଶ ଯଶସ୍ୱୀ କଥାଶିଳ୍ପୀ ମନୋଜ ଦାସଙ୍କ ବର୍ତ୍ତମାନ ଉତ୍କଳର ବାଣୀଭଣ୍ଡାର ପାଇଁ ଏକ ବିରାଟ ଶୂନ୍ୟତା । ସ୍ୱାଧିନତା ପରବର୍ତ୍ତୀ ଓଡ଼ିଆ ସ୍ରଷ୍ଟାମାନଙ୍କ ମଧ୍ୟରେ କୋଟି ଜନତାଙ୍କ ହୃଦୟର ଲେଖକ ଥିଲେ ସେ । ତାଙ୍କର ସ୍ନେହସିକ୍ତ ସାନିଧ୍ୟ ଓ ଆଶିର୍ବାଦରୁ ମୁଁ ବଞ୍ଚିତ ହେଲି । ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ପାଇଁ ଏହା ଅପୂରଣୀୟ କ୍ଷତି । ସେହି ମହାନ ସାଧକଙ୍କୁ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

- କବି କାଳିପଦ ପଣ୍ଡା

ବିଶ୍ୱ ସାହିତ୍ୟର ଏହି ମହାନ ଋଷିଙ୍କ ଦେହାବସାନ ଏକ ଯୁଗର ଅବସାନ । ଦୁଃଖ ରହିଗଲା ଏହି ମହାନ ସ୍ରଷ୍ଟା ଜ୍ଞାନପୀଠ ସମ୍ମାନରୁ ବଂଚିତ ରହିଗଲେ । ଏହା ଓଡ଼ିଆ ସାହିତ୍ୟର ବିମର୍ଶ ଭାଗ୍ୟ । ତାଙ୍କ ଅମର ଆତ୍ମାର ସଦଗତି ପ୍ରାର୍ଥନା କରୁଛି ।

- ରାଜ୍ୟବର୍ଦ୍ଧନ ଧଳମହାପାତ୍ର

ଭାରତବର୍ଷର ପ୍ରଥିତଯଶା ସାହିତ୍ୟିକ ଏ ମାଟିର ଗର୍ବ ଗୌରବ ପୂଜ୍ୟ ପିତୃ ପ୍ରତିମ ମନୋଜ ଦାସଙ୍କ ମହାପ୍ରୟାଣ ଖବର ମୋ ପରି ହଜାର ହଜାର ସାହିତ୍ୟିକଙ୍କୁ ସ୍ତବ୍ଧ କରିଥିବ । ଆସନ୍ତୁ ଯିଏ ଯାହାର ସ୍ଥାନରେ ନୀରବରେ ଈଶ୍ୱରଙ୍କୁ ପ୍ରାର୍ଥନା କରି ତାଙ୍କ ଆତ୍ମାର ସଦ୍ଗତି କାମନା କରିବା ।

- ନିବାରଣ ଜେନା

ଖୁବ ଦୁଃଖଦ ବାର୍ତ୍ତା ଆମ ପାଇଁ । ବିଶ୍ୱ ସାହିତ୍ୟର ଜଣେ ସ୍ପର୍ଦ୍ଧିତ ଉଚ୍ଚାରଣ ବାଗ୍ମୀ ତଥା ସାରସ୍ୱତ ସାଧକ ଆଜି ଆଉ ଆମ ଗହଣରେ ନାହାନ୍ତି । ମୁଁ ବ୍ୟକ୍ତିଗତ ଭାବେ ମର୍ମାହତ । ତାଙ୍କର ଶୂନ୍ୟସ୍ଥାନ କାଳ କାଳ ରହିଯିବ ଅପୂରଣୀୟ ହୋଇ । ଦିବଂଗତ ଆତ୍ମାଙ୍କୁ ମୋର ତଥା ବାଲେଶ୍ୱର ସାହିତ୍ୟ ସଂସ୍କୃତି କଳା ପରିଷଦ ପକ୍ଷରୁ ଶ୍ରଦ୍ଧା ସୁମନ ।

- ରାଧାରଞ୍ଜନ ପଟ୍ଟନାୟକ

ଓଡ଼ିଆ ସାହିତ୍ୟର ଉଜ୍ଜ୍ୱଳତମ ଦୀପଶିଖାଟି ଲିଭିଗଲା ।

- ଅଭୟ ଦାସ

ଓଡ଼ିଆ ସାହିତ୍ୟର କାଳଜୟୀ ସ୍ରଷ୍ଟା ପଦ୍ମଭୂଷଣ ମନୋଜ ଦାସଙ୍କ ବିୟୋଗରେ ବେଦବ୍ୟାସ ସାହିତ୍ୟ ଓ ସଂସ୍କୃତି ପରିଷଦ, ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ ଅମର ଆତ୍ମାର ସଦ୍ଗତି କାମନା କରୁଛି । ଓଡ଼ିଆ ସାହିତ୍ୟ ଜଗତ ସ୍ତବ୍ଧ, ଭାଷା ନାହିଁ ଲେଖିବାକୁ, ପରିବାରକୁ ଶକ୍ତି ଦିଅ ପ୍ରଭୁ ।

- ଗୌରାଙ୍ଗ ଦାଶ

ଆମ ସମୟର ଶ୍ରେଷ୍ଠ ଲେଖକ, ବାଗ୍ମୀ, ସାଧକ ମନୋଜ ଦାସ ଆଜି ରାତି ୮.୧୫ ମିନିଟରେ ଇହଲୀଳା ସମ୍ବରଣ କରିଛନ୍ତି ! ଏହା ସବୁଠୁ ବଡ଼ ଦୁଃସମ୍ବାଦ । ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରୁଛି ।

- ମମତା ମହାପାତ୍ର

ପଦ୍ମଭୂଷଣ ଡ ମନୋଜ ଦାସଙ୍କ ବିୟୋଗ ଜନିତ ଦୁଃଖଦ ଖବର ମୋତେ ଅତ୍ୟନ୍ତ ମର୍ମାହତ କରିଛି । ତାଙ୍କ ଅବର୍ତ୍ତମାନ ଓଡ଼ିଆ ସାହିତ୍ୟ ପାଇଁ ବିରାଟ ଶୂନ୍ୟତା । ତାଙ୍କ ଅମର ଆତ୍ମାର ସଦ୍ଗତି କାମନା କରୁଛି ।

- ଡ. ରଜନୀରଞ୍ଜନ

ରାଜ୍ୟରେ ୧୮ରୁ ୪୪ ବର୍ଷ ବୟସ୍କଙ୍କୁ ଟିକାକରଣରେ ହୋଇପାରେ ବିଳମ୍ବ

ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଲେ, ମେ ମାସରେ କୋଭିସିଲ୍ଡ ଟିକା ପଂହଚିବା ସମ୍ଭାବନା କ୍ଷୀଣ

ଭୁବନେଶ୍ୱର,୨୭/୦୪ (ନି.ପ୍ର): ତୃତୀୟ ପର୍ଯ୍ୟାୟ ଟିକାକରଣ ପାଇଁ ଆସନ୍ତାକାଲିଠାରୁ ଆରମ୍ଭ ହେବ ଅନ୍ଲାଇନ୍ ପଞ୍ଜିକରଣ । ଏହି ପର୍ଯ୍ୟାୟରେ ଓଡ଼ିଶାରେ ପ୍ରାୟ ୨ କୋଟି ଯୁବକଙ୍କୁ କରୋନା ଟିକା ଦେବାକୁ ଲକ୍ଷ୍ୟ ଥିବା ବେଳେ ଦେଶରେ ଏହିବର୍ଗରେ ଅଛନ୍ତି ପ୍ରାୟ ୬୫ କୋଟି ଲୋକ । ମେ' ପହିଲାରୁ ଆରମ୍ଭ ହେଉଥିବା ଟିକାକରଣରେ ୧୮ରୁ ୪୪ ବର୍ଷ ମଧ୍ୟରେ ଯୁବବର୍ଗଙ୍କୁ ସାମିଲ କରାଯାଇଥିବା ବେଳେ ପୂର୍ବ ଦୁଇ ପର୍ଯ୍ୟାୟ ଅପେକ୍ଷା ଏହି ପର୍ଯ୍ୟାୟରେ ବହୁ ଅଧିକ ଲୋକଙ୍କ ଟିକାକରଣ ହେବ । ଆଉ ଠିକ୍ ଏତିକି ବେଳେ ଟିକାକରଣରେ ବିଳମ୍ବ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି ଯେତେବେଳେ ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି- ଟିକା ଆସିଲେ ଟିକାକରଣ ହେବ । ଘରେ ନପଶୁଣୁ ଚାଲ ବାଜିଲା ଭଳି ହୁଏତ, ସ୍ଥିତିଟିଏ ଉପୁଜିବା ପାଇଁ ଯାଉଛି ଯେତେବେଳେ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେବା ପୂର୍ବରୁ ଟିକାକରଣରେ ବିଳମ୍ବ ହେବାର ଆଶଙ୍କା ପ୍ରକାଶ ପାଇଛି । ଓଡ଼ିଶାକୁ ଟିକା ଆସିବାରେ ବିଳମ୍ବ ହେବାର ଆଶଙ୍କା କରିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶ । ତାଙ୍କ ସୂଚନା ଅନୁସାରେ- କୋଭିଡସିଲ୍ଡ ଟିକା ପହଁଚିବା ସମ୍ଭାବନା କ୍ଷୀଣ । ମେ ମାସ ମଧ୍ୟଭାଗ ସୁଦ୍ଧା କୋଭାକ୍ସିନ ଆସିପାରେ । କିନ୍ତୁ କୋଭିସିଲ୍ଡ ଟିକା ପହଁଚିପାରିବ କି ନାହିଁ କହିହେବ ନାହିଁ । ଏଭଳି ସ୍ଥିତିରେ ଟିକା ଆସିଲେ ଓଡ଼ିଶାରେ ଟିକାକରଣ ହେବ । ▶▶ପୃଷ୍ଠା ୭

ଲୋକଙ୍କ ଜୀବନ ଆଗ, ଭୋଟ ପଛ

ପିପିଲି ଉପନିର୍ବାଚନକୁ ସ୍ଥଗିତ ରଖାଯାଉ : କଂଗ୍ରେସ

ଭୁବନେଶ୍ୱର,୨୭/୦୪ (ନି.ପ୍ର): ଓଡ଼ିଶାରେ କରୋନାର କୋପ ବଢ଼ିବାରେ ଲାଗିଛି । ତେଣୁ ପିପିଲି ଉପନିର୍ବାଚନକୁ ସ୍ଥଗିତ କରାଯାଉ ବୋଲି କଂଗ୍ରେସ ଦାବି କରିଛି । ଏନେଇ ରାଜ୍ୟ କଂଗ୍ରେସର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହା ପୂର୍ବରୁ ପିସିସିର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ଅନେକ ବିଶେଷଜ୍ଞ ଓ ବୈଜ୍ଞାନିକମାନେ କହୁଛନ୍ତି କରୋନାର ପିକ୍ ମେ' ମାସର ଦ୍ୱିତୀୟ ସପ୍ତାହରେ ଆସିବ । ଯଦି ସେହି ସମୟରେ ନିର୍ବାଚନ କରାଯାଏ, ତାହେଲେ ସ୍ଥିତି ଆହୁରି ଖରାପ ହୋଇଯିବ । କ'ଣ ମଣିଷ ଜୀବନର କିଛି ମୂଲ୍ୟ ନାହିଁ । ନିର୍ବାଚନ କମିଶନଙ୍କ ପାଇଁ ଭୋଟ୍ କଣ ଏବେ ଗୁରୁତ୍ୱପୂର୍ଣ୍ଣ । ଯେ ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାର କରୋନାକୁ ନିୟନ୍ତ୍ରଣ କରିନାହାନ୍ତି, ସେ ଯାଏ ନିର୍ବାଚନକୁ ସ୍ଥଗିତ କରାଯାଉ ବୋଲି ଦଳ ଦାବି କରିଛି । ନିର୍ବାଚନ ହେଲେ ଓଡିଶାରେ ଦିଲ୍ଲୀ ମୁମ୍ବାଇ ପରି ସ୍ଥିତି ହୋଇପାରେ । କୋରନାରେ ପ୍ରଥମେ ପ୍ରଦୀପ ମହାରଥୀ ଓ ପରେ ଅଜିତ ମଙ୍ଗରାଜ ଙ୍କ ଦେହାନ୍ତ ହେଇଛି । ଏବେ ନିର୍ବାଚନ ହେଲେ ପୁଣି ଆକ୍ରାନ୍ତ ଙ୍କ ସଂଖ୍ୟା ବଢିବାର ସମ୍ଭାବନା ଅଛି, ତେଣୁ ନିର୍ବାଚନ ତାରିଖ ଘୁଂଚାଯାଉ ବୋଲି ଅନୁରୋଧ କରିଛି କଂଗ୍ରେସ । ପ୍ରତିନିଧି ମଣ୍ଡଳୀରେ ସର୍ବଶ୍ରୀ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ପ୍ରାକ୍ତନମନ୍ତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ, ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ନେତା ଶମ୍ଭୁନାଥ ପାଣିଗ୍ରାହୀ, ପ୍ରାକ୍ତନ ମୁଖପାତ୍ର ପଦ୍ମାକର ଗୁରୁ, ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ପ୍ରମୁଖ ସାମିଲ ଥିଲେ ।

ବିଜୟ ଶୋଭାଯାତ୍ରା ଉପରେ ରୋକ୍ ଲଗାଇଲେ ନିର୍ବାଚନ କମିଶନ

ଗଣତି ଦିନ କିମ୍ବା ପରେ କୌଣସି ଶୋଭାଯାତ୍ରା କରିପାରିବେନି ବିଜୟୀ ପ୍ରାର୍ଥୀ, ମେ' ୨ରେ ହେବ ୫ରାଜ୍ୟର ଭୋଟ ଗଣତି

ନୂଆଦିଲ୍ଲୀ,୨୭/୦୪ (ନି.ପ୍ର): ବିଜୟ ଶୋଭାଯାତ୍ରା ଉପରେ କଟକଣା ଲଗାଇଲେ ନିର୍ବାଚନ କମିଶନ । ମେ ୨ ଗଣତି ଦିନ କିମ୍ବା ପରେ କୌଣସି ବିଜୟ

ଆଶ୍ରମ ସ୍କୁଲ ପରିସରରୁ ଗଛକଟା ଅଭିଯୋଗ

କନ୍ଧମାଳ, ୨୭/୪ (ନି.ପ୍ର.): କନ୍ଧମାଳ ଜିଲ୍ଲାର ପ୍ରତ୍ୟେକ ଆଶ୍ରମ ସ୍କୁଲର ପରିବେଶକୁ ସୁନ୍ଦର କରିବାକୁ ଏହାର ପରିସରରେ ବିଭିନ୍ନ ଗଛ ଲଗାଯିବା ସହ ସଫା ମଧ୍ୟ ରଖାଯାଏ । କିନ୍ତୁ, ସ୍କୁଲ କର୍ତ୍ତୃପକ୍ଷ ପରିବେଶ ସୌନ୍ଦର୍ଯ୍ୟ ଓ ସୁରକ୍ଷା କରିବା ବଦଳରେ ନଷ୍ଟ କରିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ । ସ୍କୁଲ ସଭାପତି ଓ ଗ୍ରାମ ସରପଂଚଙ୍କ ଅଜ୍ଞାତରେ ମୂଲ୍ୟବାନ ଗଛ କାଟି ଚୋରାଚାଲାଣ କରାଯାଇଥିବା ଭଳି ଏକ ଅଭିଯୋଗ ଆସିଛି ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀଙ୍କ ନାମରେ । ଫଳରେ ଆଶ୍ରମ ସ୍କୁଲର ସୌନ୍ଦର୍ଯ୍ୟ ନଷ୍ଟ କରିବା ସହ ମୂଲ୍ୟବାନ ଗଛ କାଟିବା ଓ କାଠ ଚୋରାଚାଲାଣ କରୁଥିବା ଏଭଳି ସଙ୍ଗିନ ଅଭିଯୋଗ ଆସିଛି ତାଙ୍କ ବିରୋଧରେ । କନ୍ଧମାଳ ଜିଲ୍ଲା ଉଦୟଗିରି ବ୍ଲକର ଡୁଙ୍ଗୀ ବ୍ଲକ ଆଶ୍ରମ ସ୍କୁଲ ପରିସରରେ ବହୁଦିନ ଧରି ଶାଳ ନୀଳଗିରି ଭଳି ମୂଲ୍ୟବାନ ଗଛ ରହିଥିଲା । କରୋନା କଟକଣା ଯୋଗୁଁ ଆଶ୍ରମ ସ୍କୁଲ ବନ୍ଦ ରହିଛି ।ଏହାର ସୁଯୋଗ ନେଇ ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ କାଠ ମାଫିଆଙ୍କ ସହ ମିଶି ଗଛକୁ କାଟି ଚୋରାଚାଲାଣ କରୁଥିବା ଅଭିଯୋଗ ହୋଇଛି । କାଠ ଚୋରା ଚାଲାଣ ବେଳେ ଗ୍ରାମବାସୀ କାଠ ନେଉଥିବା ଗାଡିକୁ ଅଟକାଇଥିଲେ । ଖବର ପାଇ ବ୍ଲକ ଉପାଧ୍ୟକ୍ଷ କାଠକୁ ଅଟକାଇ ବ୍ଲକ ଅଧିକାରୀ ଓ ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ । ସରକାରୀ ଆଶ୍ରମ ସ୍କୁଲ ଡୁଙ୍ଗୀର ବିକାଶ ପାଇଁ ଅର୍ଥ ଆବଶ୍ୟକ ଥିଲା ଯାହାକି ସ୍କୁଲ ପରିସରରେ ଥିବା ଗଛ କଟାଯାଇ ସ୍କୁଲ ଉନ୍ନତିକରଣ କରାଯିବ ବୋଲି ୨୦୧୯ରେ ସ୍କୁଲ କମିଟି ନିଷ୍ପତି ନେଇଥିଲେ । ଗଛ କଟାହୋଇ ଏଥିରୁ ଯାହା ଅର୍ଥ ଆସିବ ସେଥିରେ ସ୍କୁଲର ଉନ୍ନତିକରଣ କାର୍ଯ୍ୟ କରାଯିବ, କିନ୍ତୁ ୨୦୨୧ରେ ସେଇ ନିଷ୍ପତି ଅନୁସାରେ ଗଛ କଟାହୋଇଛି ବୋଲି ଉଦୟଗିରି ଜଙ୍ଗଲ ବିଭାଗ ଅଧିକାରୀ କହିଥିବା ବେଳେ ଉଦୟଗିରି ଉପାଧ୍ୟକ୍ଷ ଓ ସରପଂଚ ଏ ବିଷୟରେ ସୂଚନା ନଦେଇ ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଏଭଳି କାର୍ଯ୍ୟ କରିଥିବା ଅଭିଯୋଗ କରିଛନ୍ତି । ସ୍କୁଲରେ ନୂଆ ସଭାପତି ମଧ୍ୟ ଏହି ବିଷୟରେ ଅବଗତ ନଥିଲେ ବୋଲି ନିଜ ପ୍ରତିକ୍ରିୟା ରଖିଛନ୍ତି । ଏଠାରେ କାହା କଥା କାହାର ତାଳମେଳ ଖାଉନି । ଜିଲ୍ଲା ମଙ୍ଗଳ ଅଧିକାରୀ କହୁଛନ୍ତି ମୁଁ କିଛି ଜାଣିନାହିଁ । ବନ ବିଭାଗ ଅଧିକାରୀ କହୁଛନ୍ତି ତାଙ୍କ ସ୍କୁଲ କମିଟି ନିଷ୍ପତି ଅନୁସାରେ ଗଛ କଟାଯାଇଛି, ଆମର କିଛି କହିବାର ନାହିଁ । ସ୍କୁଲ କମିଟି କହୁଛି ଆମ ଅଜାଣତରେ ଗଛ କଟାଯାଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ସ୍ଥାନୀୟ ଫରେଷ୍ଟ ଗାର୍ଡ ଠାରୁ ଆରମ୍ଭ କରି ରେଞ୍ଜର ପର୍ଯ୍ୟନ୍ତ ଗଛ କଟା ମାମଲାରେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ।

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୦ତମ ଜୟନ୍ତୀ ପାଳିତ

ମାଲକାନଗିରି, ୨୭/୪ (ନି.ପ୍ର.): ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥ ପୂର୍ବତନ ବୋର୍ଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲା ଶାଖା ଆନୁକୂଲ୍ୟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୦ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ଗଜପତିଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ଅତିଥି ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖା ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ନାରାୟଣ ଭୋଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡ. ରଞ୍ଜନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ପଟ୍ଟନାୟକ ଯୋଗ ଦେଇଥିଲେ । ସମସ୍ତ ଅତିଥି ଓଡ଼ିଶାରେ ଗଞ୍ଜାମ ଓ କୋରାପୁଟ ମିଶ୍ରଣରେ ଗଜପତିଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଗଞ୍ଜାମ ଜିଲ୍ଲାର ଶିକ୍ଷା, ଶିଳ୍ପ, ଗମନାଗମନ, ବ୍ୟବସାୟ ନଉପଡ଼ା ଠାରୁ ପାରଳାଖେମୁଣ୍ଡି ଦେଇ ଗୁଣୁପୁରକୁ ରେଳ ରୁଟ୍ ସମ୍ପ୍ରସାରଣ ସମ୍ପର୍କରେ ମୁଖ୍ୟବକ୍ତା ଓ ଅତିଥି ମାନେ ଆଲୋଚନା କରିଥିଲେ । ସଭାରେ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ବାଲାରାଜୁ ପାଢୀ, କବିତା ମହାପାତ୍ର, ସରୋଜିନୀ ପରିଡ଼ା, ଶଶିରେଖା ଦାସ, ରାଧାରାଣୀ ରାୟ, ପୁଷ୍ପଲତା ପଣ୍ଡା, ଶ୍ରୀତିସ୍ମିତା ଜୟସିଂ, ପଙ୍କଜିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

ପୁନରୁଦ୍ଧାର ହୋଇ ପାରୁନି ଇମାମ୍‌ନଗର ଆଡିବନ୍ଧ

ଧର୍ମଶାଳା, ୨୭/୪ (ନି.ପ୍ର.): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ଇମାମ୍‌ନଗର ଗାଁ ନିକଟରେ ଥିବା ଆଡିବନ୍ଧର ପୁନରୁଦ୍ଧାର କରାଯାଉ ନାହିଁ। ଉଠା ଜଳସେଚନ ବିଭାଗର ଉଦାସୀନତା ଯୋଗୁ ଦୀର୍ଘ ୨୧ ବର୍ଷ ହେଲା ମରାମତି ହୋଇପାରୁ ନାହିଁ ଭାଙ୍ଗିରୁଜି ଯାଇଥିବା ଏହି ପୁରାତନ ଆଡିବନ୍ଧ। ଫଳରେ ଖରାଦିନେ ଜଳସେଚନ ଅଭାବରୁ ଶୁଖିଲା ପଡୁଛି ସ୍ଥାନୀୟ ଅଂଚଳର ଶତାଧିକ ଏକର ଚାଷ ଜମି। ପ୍ରକାଶ ଯେ, ୧୯୯୭ ମସିହାରେ ଇମାମନଗର ଗାଁ ନିକଟ ଦେଇ ଯାଇଥିବା ହାଇଲେଭଲ୍ କେନାଲ ଉପରେ ଏକ ଆଡିବନ୍ଧ ନିର୍ମାଣ କରାଯାଇଥିଲା। ଯାହାଦ୍ୱାରା ଇମାମ୍‌ନଗର, କଣିପାଟିଆ ଓ ଗଙ୍ଗାଧରପୁର ଗ୍ରାମର ଶତାଧିକ ଚାଷୀଙ୍କର ୫ଶହ ଏକରରୁ ଅଧିକ ଜମି ଜଳସେଚିତ ହେଉଥିଲା। ଜଳସେଚନ ହେବାରୁ ସ୍ଥାନୀୟ ଚାଷୀ ଦୁଇ ବର୍ଷ ଧରି ବିରି, ମୁଗ, ଧାନ ଓ ଅନ୍ୟାନ୍ୟ ଅର୍ଥକାରୀ ଫସଲ କରି ଉପକୃତ ହେଲେ। କିନ୍ତୁ ୧୯୯୯ ମହାବାତ୍ୟା ପରେ ଆଡିବନ୍ଧଟି ଭାଙ୍ଗିରୁଜି ଗଲା। ପରବର୍ତୀ ସମୟରେ ଆଉ ଏହାର କୌଣସି ରକ୍ଷଣାବେକ୍ଷଣ କରାଗଲା ନାହିଁ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତାରୁ ଏହା ପୁନଉଦ୍ଧାର ହୋଇପାରିଲା ନାହିଁ। ଆଡିବନ୍ଧ ଜଳ ସଂରକ୍ଷଣ ଅଂଚଳ ଶୁଖିଲା ପଡିଲା। ବାରମ୍ବାର ଚାଷୀଙ୍କ ଦାବି ପରେ ମଧ୍ୟ ବିଭାଗୀୟ ଅଧିକାରୀ ଏହାକୁ ଗୁରୁତ୍ୱ ଦେଲେ ନାହିଁ। ଜଳସେଚନ ଅଭାବରୁ ଖରାଦିନିଆ ଫସଲ ହୋଇପାରିଲା ନାହିଁ । ଫଳରେ ଚାଷୀମାନେ ଖରାଦିନିଆ ଫସଲ ଉପରୁ ମୁହଁ ଫେରାଇ ନେଲେ। ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଲା। ଚାଷୀ ଏବଂ ଚାଷର ଉନ୍ନତିପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯୋଜନା ପରେ ଯୋଜନା କରି ଚାଲିଛନ୍ତି। ଚାଷ ଜମିକୁ ଜଳସେଚିତ କରିବା ପାଇଁ ଉଠା ଜଳସେଚନ ବିଭାଗ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପ୍ରକଳ୍ପ କରାଯାଉଛି। ହେଲେ ଏସବୁ ଚାଷୀ ଓ ଚାଷର ହିତରେ ଲାଗୁ ନାହିଁ। ଜଳସେଚନ, କ୍ଷୁଦ୍ର ଜଳସେଚନ ଓ ଉଠା ଜଳସେଚନ ବିଭାଗ ଉପରେ ଚାଷ ଜମିରେ ପାଣି ପହଁଚାଇବା ଦାୟିତ୍ୱ ନ୍ୟସ୍ତ ରହିଛି। ଏସବୁ ବିଭାଗ ଦ୍ୱାରା ରହିଥିବା ବ୍ୟବସ୍ଥା ଜରିଆରେ ପୃଥକ ପୃଥକ ଭାବେ ଜମିରେ ପାଣି ପହଁଚିଥାଏ। ଉଠା ଜଳସେଚନ ବିଭାଗ ମାଧ୍ୟମରେ ନଦୀ,ନାଳରେ ଆଡିବନ୍ଧ କରାଯାଇ ଚାଷ ଜମିକୁ ଜଳସେଚିତ କରାଯାଉଛି । ଚାଷ ଜମିକୁ ଜଳସେଚନ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇଆସୁଥିବା ବେଳେ ଏଠାରେ କାହିଁକି ବିଭାଗୀୟ ଅଧିକାରୀ ଆଖି ବୁଜି ଦେଇଛନ୍ତି ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତୁରନ୍ତ ଇମାମ୍‌ନଗର ଆଡିବନ୍ଧର ପୁନରୁଦ୍ଧାର କରାଯାଇ ଚାଷଜମିକୁ ଜଳସେଚନ କରିବାକୁ କୃଷକନେତା ଦେବବ୍ରତ ରାଉତ, ପ୍ରତାପ ପାଳ, ପୁରୁଷୋତମ,ଜେନା, ଶକ୍ତିକାନ୍ତ ପାଳ ଓ ସୁଧୀର ରାଉତଙ୍କ ସମେତ ପ୍ରମୁଖ ବହୁଚାଷୀ ଦାବି କରିଛନ୍ତି।

କଷାଫଳ: ଭଗବାନ ଚନ୍ଦ୍ର ଉଚ୍ଚବିଦ୍ୟାଳୟରେ 'ମୋ ସ୍କୁଲ ଅଭିଯାନ'

ବଣ୍ଡା, ୨୭/୪ (ନି.ପ୍ର.): କଷାଫଳ ସଦର ବ୍ଲକ ଅନ୍ତର୍ଗତ ଭଗବାନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ପାଇଁ ଓଡ଼ିଆ ନବବର୍ଷ ତା ୧୪/୦୪/୨୦୨୧ରିଖରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ୫ଟି ଅନ୍ତର୍ଭୁକ୍ତ ଏହି ଉଚ୍ଚବିଦ୍ୟାଳୟରେ ୫୪୭ ଛାତ୍ରଛାତ୍ରୀ ଅଧ୍ୟୟନ କରିଥାନ୍ତି । ଉକ୍ତ ସଭାରେ ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସଦର ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ନରେନ୍ଦ୍ର ଖମାରୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଭୀମ ଚରଣ ସାହୁ ପୌରହିତ୍ୟ କରିଥିଲେ । ସି.ଆର.ସି.ସି ମଧୁସୂଦନ ମାଝୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବିଜୟ କୁମାର ଭୂୟାଁ ସରପଞ୍ଚ, କଷାଫଳ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସୃଷ୍ଟିଧର ଖଟୁଆ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଏସ୍.ଏମ୍.ଡି.ସି. ସଭ୍ୟ ମଧ୍ୟ ମଞ୍ଚାସୀନ ଥିଲେ । ବିଦ୍ୟାଳୟ ଆଲୁମିନୀ ସଂଯୋଜକ ସପନ କୁମାର ପାତ୍ର ମଧ୍ୟ ମଞ୍ଚାସୀନ ଥିଲେ । ବାଲେଶ୍ୱର ଜିଲ୍ଲାର 'ଭଗବାନଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ' ୫ଟି ଅନ୍ତର୍ଭୁକ୍ତ ହୋଇଥିବାରୁ ସ୍ମାର୍ଟ ଶ୍ରେଣୀଗୃହ, ଡିଜିଟାଲ ଲାଇବ୍ରେରୀ, ଡିଜିଟାଲ ବିଜ୍ଞାନ ଲେବରଟି ଇତ୍ୟାଦିର ଉନ୍ନତି ହେବାକୁ ଯାଉଛି ବୋଲି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଦାସ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଏହି ବିଦ୍ୟାଳୟର ସାମିଲ ହୋଇ ସୁନାମ ଅର୍ଜନ କରିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଖମାରୀ ପ୍ରକାଶ କରିଥିଲେ । ସରପଞ୍ଚ ଶ୍ରୀଯୁକ୍ତ ଭୂୟାଁ ଏହି ବିଦ୍ୟାଳୟର ଇତିହାସ ଓ ଏହାର ସମ୍ପ୍ରତି ଆଦି ବିଷୟରେ ଆଲୋକପାତ କରାଇଥିଲେ । ରୂପାନ୍ତରଣ ଯୋଜନା '୫ଟି' ଅନ୍ତର୍ଭୁକ୍ତ ଅନେକ ଉପାଦେୟ ବକ୍ତବ୍ୟ ସହ ୫ଟି ମାନ୍ୟବର ସଚିବ କେ.ପାଣ୍ଡିୟାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସି.ଆର.ସି.ସି ତଥା ସାହିତ୍ୟିକ ମଧୁସୂଦନ ମାଝୀ ଶିକ୍ଷିତ, ସଂଗଠିତ ଓ ସଂଗ୍ରାମ କରିବାର ମନ୍ତ୍ରକୁ କହିଥିଲେ । ଏହି ଉଚ୍ଚ ବିଦ୍ୟାଳୟ ଜିଲ୍ଲା ସ୍ତରରେ ଏକ ସୁନାମଧନ୍ୟ ବିଦ୍ୟାଳୟ ବୋଲି କହିଥିଲେ । ଏଥିରେ ଗୋପାଳ ଦାସ ନିନୀ ମାଝୀ, ଘନଶ୍ୟାମ ମାରାଣ୍ଡି, ମାନସୀ ମହାପାତ୍ର, ବିଶ୍ୱପ୍ରକାଶ ଦାସ, ସୌମ୍ୟରଞ୍ଜନ ନାୟକ, ଶରତ ଦାସ, ଅଭୟ ଦାସ, ନିରଞ୍ଜନ ମାଝୀ, ନିରଞ୍ଜନ ପାତ୍ର ଇତ୍ୟାଦି ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

କୋଭିଡ ଟିକା ନେବାପାଇଁ ୨ଟି କାଉଣ୍ଟର ଖୋଲିବାକୁ ଦାବି

କେନ୍ଦ୍ରାପଡା, ୨୭/୪ (ନି.ପ୍ର.): କରୋନା ମହାମାରୀର ସଂକ୍ରମଣ ଦିନକୁ ଦିନ ବ୍ୟାପକ ହେଉଥିବାରୁ ଏହାର ପ୍ରତିରୋଧ ପାଇଁ ଜନତାଙ୍କ ଭିତରେ ଉତ୍ସାହ ପରିଲକ୍ଷିତ ହେବା ସହ ଟୀକା ନେବାପାଇଁ ବରିଷ୍ଠ ନାଗରିକ ମାନେ ଘଣ୍ଟା ଘଣ୍ଟା ଧରି ଲମ୍ୟା ଧାଡିରେ ଛିଡା ହୋଇ ରହିବା ଦେଖିବାକୁ ମିଳିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟୀକା ଦେବାପାଇଁ ଗୋଟିଏ କାଉଣ୍ଟର କରାଯାଇ ଥିବାରୁ ସହର ଓ ଆଖପାଖ ଅଂଚଳର ଶତାଧିକ ବ୍ୟକ୍ତି ଦୁଇ ଓଳି ଲମ୍ୟା ଧାଡିରେ ଛିଡା ହୋଇ ଅପେକ୍ଷା କରୁଛନ୍ତି । ଗୋଟିଏ କମ୍ପ୍ୟୁଟର ସିଷ୍ଟମ ମାଧ୍ୟମରେ ପଞ୍ଜିକରଣ କରାଯାଉ ଥିବାରୁ ବହୁ ସମୟ ଲୋକମାନଙ୍କୁ ଅପେକ୍ଷା କରିବାକୁ ପଡୁଛି । ସକାଳ ୮ରୁ ଦିନ ୧୨ଟା ପର୍ଯ୍ୟନ୍ତ ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଟୀକା ପ୍ରଦାନ କରାଯାଉ ଥିବାରୁ ଅଳ୍ପ ସମୟ ମଧ୍ୟରେ ଏତେ ଲୋକଙ୍କ ନାମ ପଞ୍ଜିକରଣ କରିବା ଓ ଟୀକା ପ୍ରଦାନ କରି ଅପେକ୍ଷା କରାଇବା କାରଣରୁ ଗୋଟିଏ କାଉଣ୍ଟର ପାଇଁ ଗହଳି ଲାଗି ରହୁଛି । ଏହାକୁ ଅତି କମରେ ଦୁଇଟି କାଉଣ୍ଟର କରି ଟୀକାକରଣ କରାଗଲେ ବୟସ୍କ ନାଗରିକ ମାନେ ଉପକୃତ ହୋଇପାରନ୍ତେ ବୋଲି ସାଧାରଣ ଦାବି ହେଉଛି ।

୧୫ ଫୁଟ ଲମ୍ବର ଅହିରାଜ ଉଦ୍ଧାର

ବାରିପଦା, ୨୭/୪ (ନି.ପ୍ର.): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଓ ରେଞ୍ଜ ଅଧୀନ ନିଶ୍ଚିନ୍ତା ଗ୍ରାମର ଅଶୋକ ମହାପାତ୍ରଙ୍କ ଘରର ବେଡ଼ ରୁମ ଭିତରେ ଆଜି ସକାଳ ସମୟରେ ଏକ ବିରାଟକାୟ ସାପ ଲୁଚିଥିବାର ପରିବାରର ଲୋକେ ଦେଖି ବାଙ୍ଗିରିପୋଷି ରେଞ୍ଜକୁ ଖବର ଦେଇଥିଲେ । ଖବରପାଇ ରେଞ୍ଜ ଅଧିକାରୀ , ଫରେଷ୍ଟ ଗାର୍ଡ଼ ସ୍ନେକ ହେଲପ୍ ଲାଇନର ଅଭିଜ୍ଞ ସାପଧରାଳୀ କ୍ରୀଷ୍ଣା ଗୋଛାୟତ ଓ ତପନ ଗୋଛାୟତଙ୍କୁ ସାଥୀରେ ଧରି ପୂର୍ବାହ୍ନ ପ୍ରାୟ ସାଢ଼େ ୭ ସମୟରେ ଅଶୋକ ମହାପାତ୍ରଙ୍କ ଘରେ ପହଂଚି ଅତି ସତର୍କତାର ସହିତ ସାପଟିକୁ ଉଦ୍ଧାର କରିଥିଲେ । ଉଦ୍ଧାର କରାଯାଇଥିବା ସାପଟି ଅହିରାଜ ବୋଲି ଜଣାପଡ଼ିଥିବା ବେଳେ ସାପଟିର ଲମ୍ବ ୧୫ ଫୁଟ ହୋଇଥିଲା । ପରେ ଉକ୍ତ ଅହିରାଜ ସାପଟିକୁ ବାଙ୍ଗିରିପୋଷି ଘାଟି ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା ।

କନ୍ଧମାଳରେ ସାମାଜିକ ଅନୁଷ୍ଠାନ ସମୂହର କରୋନା ଦ୍ୱିତୀୟ ଲହର ସମ୍ପର୍କିତ ଆଲୋଚନା

କନ୍ଧମାଳ, ୨୭/୪ (ନି.ପ୍ର.): କୋଭିଡର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲାର ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ଆନୁକୂଲ୍ୟରେ ଭିଡ଼ିଓ କନଫରେନ୍ସି ଜରିଆରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ସହଯୋଗରେ ରବିବାର ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିପିଡୀତ, ବନବାସୀ ସେବା ସମିତି, ଜାଗୃତି, କନ୍ଧମାଳ ଜିଲ୍ଲା ସବୁଜ ବୈଦ ସଂଗଠନ, ସାହାରା, କଲ୍ୟାଣି, ଟିମ୍ ହ୍ୟୁମାନିଟିର ବରିଷ୍ଠ କର୍ମକତା ଅଂଶଗ୍ରହଣ କରିଥିଲେ । ତା ସହିତ ଜିଲ୍ଲା ଏମରଜେନ୍ସୀ ସେଲ୍ ର ପ୍ରୋଗାମ ଅଫିସର ସଞ୍ଜୟ ଝା ଉପସ୍ଥିତ ଥିଲେ । ଏହା ବ୍ୟତୀତ ଗ୍ରାମ ସ୍ତରରେ କାମ କରୁଥିବା ସ୍ୱଚ୍ଛାସେବୀ ମାନେ ଯୋଗଦେଇ ନିଜ ନିଜର ମତ ରଖିଥିଲେ । ନିପିଡୀତ ଅନୁଷ୍ଠାନର ରାମଚନ୍ଦ୍ର ଦାସ ବିଭିନ୍ନ ଅନୁଶିଳନ କରି ଆଗାମି ଦିନରେ ଏନଜିଓ ମାନେ କିପରି ଲୋକମାନଙ୍କ ପ୍ରତି ଉତର ଦାୟୀ ରହିବେ ସେନେଇ ମନ୍ତବ୍ୟ ରଖିଥିଲେ । ରବିନ୍ଦ୍ର ପଣ୍ଡା ସମସ୍ତ ସାମାଜିକ ଅନୁଷ୍ଠାନ ଗୁଡିକୁ ଏକଜୁଟ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ । କୈଳାସ ଚନ୍ଦ ଦଣ୍ଡପାଟ ଜିଲ୍ଲା ପ୍ରଶାସନ ସହିତ ଉତମ ଯୋଗାଯୋଗ ରଖି କାମ କରିବା ଓ ଗ୍ରାମପଂଚାୟତ ସ୍ତରରେ ବିଭିନ୍ନ ଦକ୍ଷତାସମ୍ପନ୍ନ ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟ କରିବାକୁ ପରାମର୍ଶ ଦେଇଥିଲେ। ସୁକାନ୍ତ ନାୟକ ବ୍ଲକସ୍ତରରେ ସମନ୍ୱୟ ରଖି କାମ କଲେ ସୁଫଳ ମଳିବ ବୋଲି ମନ୍ତବ୍ୟ ଦେଇଥିଲେ। ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ଇଂ. ହରି ଶଙ୍କର ରାଉତ ଲୋକଙ୍କ ଜୀବନଜୀବିକା ସୁଚାରୁ ରୂପେ କିପରି ଚାଲିବ, ଜିଲ୍ଲା ପ୍ରଶାସନ ପାଖରେ ମତ ରଖି, ବାହାର ରାଜ୍ୟରୁ ଫେରୁଥିବା ପ୍ରବାସୀଙ୍କ ପାଇଁ ଯୋଜନା କରିବା ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଦିନବନ୍ଧୁ ମହାରଣା କ୍ୱାରେଣ୍ଟାଇନ ସେଣ୍ଟର ଗୁଡିକୁ ଚପଲ, ବିଛଣା ଆଦି ଜିନିଷ ପ୍ରଦାନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ରବିନ୍ଦ୍ର ସାହୁ ଜବ୍ କାର୍ଡରେ କାମ କରିଥିବା ହିତାଧିକାରିଙ୍କ ବକେୟା ମଜୁରୀ ବାବଦ ଟଙ୍କା ପ୍ରଦାନ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସବୁ ଅନୁଷ୍ଠାନ ତାଙ୍କର ନିଜର ଆଇସୋଲେସନ ଗୃହ କରି ତାଙ୍କ କର୍ମଚାରି ପାଇଁ ସୁରକ୍ଷା ଯୋଗାଇଦେବାର ଆବଶ୍ୟକତା ରହିଛି ବୋଲି ମନ୍ତବ୍ୟ ଦେଇଥିଲେ । ପ୍ରୋଗ୍ରାମ ଅଫିସର ସଞ୍ଜୟ ଝା, ଏହି ମତାମତକୁ ଜିଲ୍ଲା ପ୍ରଶାସନ ନିକଟରେ ଉପସ୍ଥାପନ କରିବେ ବୋଲି କହିଥିଲେ । ଲୋକନାଥ ରାଜୁ ତାଙ୍କ ପ୍ରୟାସକୁ ସମସ୍ତ ବ୍ଲକ ସ୍ତରରେ ଅନୁଷ୍ଠାନ ଜୋଡି କାମ କରିବା ପାଇଁ ଆଗ୍ରହ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ସ୍ୱାଇଁ ପରିଚାଳନା କରିଥିଲେ । ଏଭଳି ସମନ୍ୱୟ ରଖି କାମ କରିବା ସହିତ ଆଗାମି ଦିନରେ ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ସମସ୍ତେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଶୀର୍ଷ ଛୁଇଁବାକୁ ଯାଉଛି କରୋନା ହେଲେ ଲାଗିପାରୁନି ଭେଂଟିଲେ

ଅଫିସିଆଲ୍ ୱାର୍କ ପାଇଁ ପ୍ୟାଣ୍ଟସୁଟ୍

ଅଫିସିଆଲ ୱାର୍କ ପାଇଁ ହୋଇଥିବା ପ୍ୟାଣ୍ଟସୁଟ୍ କେବଳ ବୋର୍ଡରୁମ୍ ମଧ୍ୟରେ ସୀମିତ ହୋଇ ରହିନାହିଁ । ଏବେ ଏହାକୁ ଅପ୍‌ଗ୍ରେଡ କରି ଫ୍ୟାସନେବଲ କରିଦିଆଯାଇଛି । ଏହାକୁ ରନ୍‌ୱେ ଠାରୁ ଆରମ୍ଭ କରି ରେଡ କାର୍ପେଟ ପର୍ଯ୍ୟନ୍ତ ପିନ୍ଧାଯାଇ ପାରିବ । ପ୍ୟାଣ୍ଟସୁଟ୍ ଲଗାତାର ବାକ୍ସି ଡିଜାଇନ ଓ ଓଭର ସାଇଜରୁ ଆରମ୍ଭ କରି ବ୍ରାଇଟ୍ କଲର୍ ଓ ଏମ୍ବେଲିଶ୍‌ଡ ପାୱାରସୁଟ୍ ପର୍ଯ୍ୟନ୍ତ ଅପଗ୍ରେଡ୍ ହୋଇଛି । ନିକଟ ଅତୀତରେ ଏହାର ନୂଆ ଡିକନ୍‌ଷ୍ଟ୍ରକ୍ଟ୍ ଷ୍ଟାଇଲ୍ ମଧ୍ୟ ଦେଖିବାକୁ ମିଳିଲା । ଯାହାକୁ ବଲିଉଡ ଅଭିନେତ୍ରୀମାନେ ମଧ୍ୟ ବହୁତ ପସନ୍ଦ କରୁଛନ୍ତି । ଡିକନଷ୍ଟ୍ରେକ୍ଟେଡ ପ୍ୟାଣ୍ଟସୁଟ୍‌ରେ ଏସେମେଟ୍ରିକଲ ଫ୍ରମ ବ୍ୟାକସାଇଡ, କ୍ରାପ୍‌ଡ ଫ୍ରାମ୍ ଫ୍ରଣ୍ଟ, ୱାନ ଅଫ୍ ସୋଲଡର ଓ ମିଡିରିକ କଟଆଉଟ ଭର୍ଜନ ଏବେ ଟ୍ରେଣ୍ଡରେ ଅଛି । ଏହାକୁ ଅଲଗା ଅଲଗା ଡିଜାଇନରମାନେ ପ୍ରସ୍ତୁତ କରିଛନ୍ତି । ବିଭିନ୍ନ ଡିକନ୍‌ଷ୍ଟ୍ରକ୍ଟେଡ ପ୍ୟାଣ୍ଟ ସୁଟ୍ ରହିଛି ଯାହାକୁ ଆପଣ ନିଜ ଷ୍ଟାଇଲ୍‌ରେ ସାମିଲ କରି ପାରିବେ ।



♦ପାଉଡର ବ୍ଲୁ ପ୍ୟାଣ୍ଟ ସୁଟ୍‌କୁ ଆପଣ ବହୁତ ଅବାକାରୀ ସହିତ କ୍ୟାରୀ କରିପାରିବେ । ଏପରି ପ୍ୟାଣ୍ଟସୁଟ୍, ପାର୍ଟି ଓ ଆଉଟ୍‌ଡ୍ରିଙ୍ଗ ପାଇଁ ଟ୍ରାଏ କରି ପାରିବେ ।

♦ପ୍ୟାଣ୍ଟସୁଟ୍‌କୁ କ୍ୟାରୀ କରି ପାରିବେ । ଏହା ଆପଣଙ୍କୁ ଆକର୍ଷଣୀୟ ଲୁକ୍ ଦେବ ।

♦ନିଜର ଲୁକ୍‌କୁ ଅଧିକ ଫ୍ରେସ୍ ଓ ଆକର୍ଷଣୀୟ କରିବା ପିଇଁ ଆପଣ ନିୟନ କ୍ରାଫ୍‌ଡ ପ୍ୟାଣ୍ଟସୁଟ୍ ସହିତ ଟାଇଅପ୍ କରି ପିଙ୍କ୍ ହିଲ୍‌ସ ପିନ୍ଧିପାରିବେ ।

♦ଅନ୍‌କଣ୍ଡିସନାଲ ଜମ୍ପସୁଟ୍ ବା ପ୍ୟାଣ୍ଟସୁଟ୍ ହାଇବ୍ରିଡ ଆଉଟ୍‌ଫିଟ୍‌ରେ ଆପଣ ଭିଡ ଭିତରେ ଅଲଗା ଦେଖାଯିବେ ।

♦କ୍ରାଫ୍‌ଡ ପ୍ୟାଣ୍ଟ ଓ ପବନରେ ଉଡୁଥିବା କେପକୁ ଦେଖି ଏହାକୁ କେହି ବି ପ୍ୟାଣ୍ଟସୁଟ୍ କହିବେ । କିନ୍ତୁ ଏହି ପ୍ୟାଣ୍ଟସୁଟ୍‌କୁ ନିକଟରେ ଷ୍ଟାଇଲ୍ କରାଯାଇଛି ।

♦ପ୍ରିଣ୍ଟେଡ ଏସେମେଟ୍ରିକଲ ପ୍ୟାଣ୍ଟ ସୁଟ୍ ଓ ପଫ୍ ସ୍ଲିଭ୍‌ସ ବାଲା ମୋନୋଟୋନ ପ୍ୟାଣ୍ଟସୁଟ୍ ଆପଣଙ୍କୁ ସକରାତ୍ମକ ଅନୁଭବ କରାଇବ । ଏହି ଲୁକ୍ ଅଫିସ୍ ଲୁକ୍ ସହିତ ସାଙ୍ଗାମାନଙ୍କ ସହିତ ପାର୍ଟିରେ ମଧ୍ୟ ଫରଫେକ୍ଟ ରହିବ ।

ମହିଳାମାନଙ୍କର ଥାଇରଏଡ୍ ସମସ୍ୟା

ଆଜିର ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ଥାୟରଏଡ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଦେଖାଦେଉଛି । ଏହାଦ୍ୱାରା ଓଜନ ବୃଦ୍ଧି ହେବା ସହିତ ହର୍ମୋନ୍ ଅସନ୍ତୁଳନ ମଧ୍ୟ ହୋଇଯାଏ । ଏକ ଅଧ୍ୟୟନ ଅନୁସାରେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ମଧ୍ୟରେ ଦଶଗୁଣ ଅଧିକ ଏହି ରୋଗ ଦେଖାଯାଇଥାଏ । ଏହାର ମୁଖ୍ୟ କାରଣ ମହିଳା ମାନଙ୍କର ଅଟୋମ୍ୟୁନ୍ୟୁନ ସମସ୍ୟା ଅଧିକ ହେବା । ୨୦ ପ୍ରତିଶତ ମହିଳାଙ୍କୁ ଥାଏରୋଡ୍ ଆଣ୍ଟିବଡିଜ୍ ପାଇଁ ପଜିଟିଭ ଦେଖିବାକୁ ମିଳୁଛି । ଉତ୍ତର ଭାରତରେ ସବୁଠାରୁ ବଡ ସଂଖ୍ୟାରେ ଥାୟରଏଡ୍ ଆଣ୍ଟିବଡିଜ୍‌ର ପଜିଟିଭ୍ ରିପୋର୍ଟ ଦେଖିବାକୁ ମିଳିଛି । ଉତ୍ତର ଭାରତରେ ସବୁଠାରୁ ବଡ ସଂଖ୍ୟାରେ ଥାୟରଏଡ୍ ଡିଜଅଡ୍‌ରର ପ୍ରଭାବ ଥାୟରଏଡ୍ ଗ୍ରନ୍ଥି ଉପରେ ପଡିଥାଏ । ଯାହା ଆଡମ୍ବ ଆପଲ ତଳେ ବେକର ସାମ୍ନାରେ ଥିବା ଅଂଶରେ ସ୍ଥିତ ପ୍ରଜାପତି ଆକାରର ଏକ ଅଂଶ ଅଟେ । ଥାଇରଏଡ୍ ଗ୍ରନ୍ଥି ଦ୍ୱାରା ତିଆରି ହୋଇଥିବା ଏବଂ ସଂଗୃହୀତ ହେଉଥିବା ହର୍ମୋନ୍ ଶରୀରର ମେଟାବୋଲିକ



ରେଟ୍, ହୃଦୟ ଏବଂ ପାଚନ ତନ୍ତ୍ରର କାର୍ଯ୍ୟ ପ୍ରଣାଳୀ, ମସ୍ତିଷ୍କର ବିକାଶ, ମାଂସପେଶୀର ନିୟନ୍ତ୍ରଣ, ହାଡର ଯତ୍ନ ଏବଂ ବ୍ୟକ୍ତିର ମୁଡ୍‌କୁ ନିୟନ୍ତ୍ରଣ କରିଥାଏ ।

- ସାଧାରଣତଃ ଆୟୋଡିନ୍ ସ୍ତରର ହ୍ରାସ ଯୋଗୁଁ ଥାୟରଏଡ୍‌ର ସମସ୍ୟା ଉତ୍ପନ୍ନ ହୋଇଥାଏ । ବୟସ ବଢିବା ସହିତ ମହିଳାମାନଙ୍କ ମଧ୍ୟରେ ଏହି ସମସ୍ୟା ଦେଖାଦେଇଥାଏ । ସି ଫୁଡ୍, କ୍ରୁସିଫେରସ ପରିବା ପରି ଆୟୋଡିନ ଯୁକ୍ତ ଖାଦ୍ୟ ପଦାର୍ଥ ଖାଇବା ଉଚିତ ।
- ପ୍ରୋସେସ୍‌ଡ ଫୁଡ୍‌କୁ ସନ୍ତୁଳିତ ଆହାର ମଧ୍ୟରେ ସାମିଲ କରାଯାଇପାରିବ ନାହିଁ । ଯେଉଁ ଖାଦ୍ୟ ପଦାର୍ଥରେ ଚିନି, ରଙ୍ଗ, କୃତ୍ରିମ ସ୍ୱାଦ ଓ ସ୍ୱିଟର୍ସ ସାମିଲ ଥାଏ, ସେସବୁକୁ ଖାଦ୍ୟରେ ସାମିଲ କରିବା ଉଚିତ ନୁହେଁ ।
- ଥାୟରଏଡକୁ ସୁସ୍ଥ ରଖିବା ପାଇଁ ହେଲେ ସନ୍ତୁଳିତ ଆହାର ସବୁଠାରୁ ଜରୁରୀ । ଆନ୍ତ ଫୁଲିଯିବା ମଧ୍ୟ ଥାୟରଏଡ୍‌ର ସମସ୍ୟାର କାରଣ ହୋଇଥାଇପାରେ । ପ୍ରତ୍ୟେକ ଦିନ ଦୁଇ, ତିନି ପ୍ରକାର ତରକାରୀ ଓ ଫଳର ସେବନ କରିବା ଜରୁରୀ ।
- ଥାୟରଏଡ୍ ଦୁଇ ପ୍ରକାରର ଥାଏ । ଯଥା- ହାଇପର ଥାୟରାଏଡିଜମ୍ ଦ୍ୱାରା ଏଟ୍ରିୟଲ ଫିବ୍ରିଲେଶନ, ଅଷ୍ଟିୟୋରୋସିସ୍ ଓ ଫ୍ରାକ୍‌ଚର ହେବାର ସମ୍ଭାବନା ଥାଏ ।

ସୁସ୍ଥତାର ସରଳ ଉପାୟ

ଆମ ଦୈନନ୍ଦିନ ଜୀବନରେ କେତୋଟି ଶାରୀରିକ ସମସ୍ୟା ନିୟମିତ ଉପୁଜିଥାଏ । ଏଥିରୁ ବର୍ତ୍ତିବାକୁ ଚାହୁଁଥିଲେ ଘରୋଇ ଉପଚାର କରନ୍ତୁ । ଶୀଘ୍ର ଉପଶମ ମିଳିବ ବୋଲି ବିଶଷଜ୍ଞଙ୍କ ମତ ।

♦ଶୁଦ୍ଧ ହଳଦୀ ନିୟମିତ ରୋଷେଇରେ ଉପଯୋଗ କରନ୍ତୁ । ହଳଦୀ ଉପଯୋଗରେ ପେଟ ସମସ୍ୟା ଦୂର ହେବା ସହ ପାଚନ ଶକ୍ତି ମଧ୍ୟ ଭଲ ହୋଇଥାଏ ।

♦ତ୍ୱଚା କୁଣ୍ଡାଇ ହେଉଥିଲେ, ନିଜ ଭୋଜନରେ ଶୁଦ୍ଧ ଘିଅର ବ୍ୟବହାର କରିବା ଉଚିତ । ୧ମାସ ଉପଯୋଗ କଲେ ସେସବୁ ସମସ୍ୟାରୁ ମୁକ୍ତ ମିଳିଥାଏ ।

♦ହୃଦ୍‌ରୋଗରୁ ରକ୍ଷା ପାଇବାକୁ ଚାହୁଁଥିଲେ, ପ୍ରତ୍ୟେହ ହଳଦୀ ପାଣି ପିଇବା ହିତକାରୀ ।

ଘରସଜ୍ଜା ପାଇଁ ନୂତନ ରଙ୍ଗ : 'ନିଅନ୍'

୨୦୨୦ ଆରମ୍ଭରୁ ଟ୍ରେଣ୍ଡରେ 'ନିଅନ୍' ରଙ୍ଗର ଲୋକପ୍ରିୟତା ବଢିବାରେ ଲାଗିଛି । ପ୍ରଥମେ ଫେସନ୍‌ରେ ପୋଷାକ, ଇୟରରିଙ୍ଗ ଏବେ ଲୋକେ ଘର ସାଜସଜ୍ଜା ନିମନ୍ତେ ଏଇ ରଙ୍ଗକୁ ଖୁବ୍ ପ୍ରଧାନ୍ୟ ଦେଉଥିବାର ଦେଖାଯାଉଛି । ଇଣ୍ଟେରିୟର୍ ଏକ୍ସପର୍ଟ ମେଘା ସୋନିଙ୍କ ମତରେ ୮୦ ଦଶକ ପରଠାରୁ ନିଅନ୍ ରଙ୍ଗ ନିଶ୍ଚିହ୍ନ ହୋଇଯାଇଥିଲା କହିଲେ ଚଳେ । ମଝିରେ ମଝିରେ ଏଇ ରଙ୍ଗର ଝଲକ ଦେଖିବାକୁ ମିଳୁଥିଲାବେଳେ ଲୋକଙ୍କର ଆଗ୍ରହ କିନ୍ତୁ ସେଭଳି ନଥିଲା । ଏବେ କିନ୍ତୁ ଫେସନ୍ ଶୋ'ରେ ବଲିଉଡ କଳାକାରଙ୍କ ଗହରରେ ନିଅନ୍ ରଙ୍ଗର ଲୋକପ୍ରିୟତା ଦେଖିବାକୁ ମିଳୁଛି । ଲୋକେ ଘରର ବିଭିନ୍ନ ଆସବାବପତ୍ର, କାନ୍ଥର ରଙ୍ଗକୁ ନିଅନ୍ କରୁଥିବାରୁ ଦେଖାଯାଉଛି ।

■ଏକ୍ସପର୍ଟଙ୍କ ମତରେ ମହିଳାମାନେ ଘର ସାଜସଜ୍ଜାରେ ବେଶ୍ ଧୂରନ୍ଧର । ସେମାନେ ଘରର ଗାଲିଚା ଠାରୁ ଆରମ୍ଭ କରି ବେଡ୍ ଲ୍ୟାମ୍ପ୍ ମଧ୍ୟ ନିଅନ୍ ରଙ୍ଗର କିଣିବାକୁ ପସନ୍ଦ କରୁଛନ୍ତି । ଏ ବାବଦରେ ଅଧିକାଂଶଙ୍କ ମତ ହେଉଛି ଆଖିକୁ ଏକ ପ୍ରକାର ଶାନ୍ତି ଦେଇଥିବା ଏଇ ରଙ୍ଗ ଘରେ ସକାରାତ୍ମକ ଶକ୍ତି ବିଚ୍ଛୁରିତ କରେ ।

■ଘରର ବୈଠକଖାନାର ଆସବାବପତ୍ର ନିଅନ୍ ରଙ୍ଗର ହେଲେ ତାହା ମଧ୍ୟ ଖୁବ୍ ସୁନ୍ଦର ଲାଗିଥାଏ । ବିନ୍ ବ୍ୟାଗ୍ ହେଉ କିମ୍ବା ଡାଜାଇନର୍ ସୋଫା ନିଅନ୍ ରଙ୍ଗର କିଣି ଘର ସଜାଇପାରନ୍ତି ।

■୧୯୯୦ ପରେ ଏବେ ପୁଣି ନିଅନ୍ ଲାଇଟ୍‌ର ଲୋକପ୍ରିୟତା ବଢିବାରେ ଲାଗିଛି । ଶୟନ କକ୍ଷରେ ନିଅନ୍ ରଙ୍ଗର ବତୀ ଲଗାଇ ଶୋଇଲେ ଭଲ ନିଦ ହେଉଥିବାର ଏକ୍ସପର୍ଟଙ୍କ ମତ ।

କ୍ରୀଡାବିତ୍‌ଙ୍କ ଉପରେ କଫିର ପ୍ରଭାବ

ଗତ କିଛି ବର୍ଷ ମଧ୍ୟରେ କଫିଙ୍କୁ ନେଇ ସଂଖ୍ୟାଧିକ ଗବେଷଣା କରାଯାଇ ଥିବାବେଳେ ଏହା ଏକ ଉତ୍ତମ ପାନୀୟ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ଲୋକପ୍ରିୟତାର ଶୀର୍ଷରେ ଅଛି । ନିକଟରେ ବ୍ରିଟେନ୍ର କୋଭେଣ୍ଟ୍ରି ବିଶ୍ୱବିଦ୍ୟାଳୟର ଗବେଷକସମୂହ ପ୍ରମାଣ କରିଛନ୍ତି ଯେ ଏଇ ପାନୀୟ କ୍ରୀଡାବିତ୍‌ଙ୍କ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ମୋଟ୍ ୩୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରେ ୧୯ଜଣ ମହିଳା ଓ ୧୯ ଜଣ ପୁରୁଷ ଥିଲେ ।ସାଇକେଲିଂ ରେସ୍ ଆରମ୍ଭ ପୂର୍ବରୁ ସମସ୍ତଙ୍କୁ ଯଥା ସମୟରେ କଫି ପାନୀୟ ପିଇବାକୁ ଦିଆଗଲା । ଏହାର କିଛିଦିନ ପୂର୍ବରୁ ସେମାନଙ୍କ ସାଧାରଣ ଗତିବିଧିକୁ ମଧ୍ୟ ଅନୁଧ୍ୟାନ କରାଯାଇଥିଲା । ସେସମୟରେ କଫି ପାନୀୟ ସେମାନଙ୍କୁ ଦିଆଯାଉନଥିଲା । ଯଥାଦିନ ସେମାନଙ୍କୁ କଫି ପାନୀୟ ଦିଆଯିବା ପରେ ସାଇକଲିଂ ଆରମ୍ଭ ହୋଇଥିଲା । ପ୍ରତିଯୋଗୀମାନେ ଉନ୍ନତ ପ୍ରଦର୍ଶନ କରିବା ସହ ସେମାନେ ଶୀଘ୍ର ଥକିନଥିଲେ । ବିଶେଷଜ୍ଞ ଦଳ ଏହା ମଧ୍ୟ କହିଛନ୍ତି ଯେ ଅଧିକ ଥର କଫି ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ, କିନ୍ତୁ ପୂରା ଦିନରେ ସକାଳବେଳା ଥରୁଟିଏ କଡା କଫି ପିଇଲେ ଆମ ଶରୀର ଫୂର୍ତ୍ତି ରହିଥାଏ ।

ପାରିବାରିକ ଶାନ୍ତି ଓ ସୌହାର୍ଦ୍ଦ୍ୟ

ଘରେ କିଛି ଅଭାବ ନାହିଁ । ରୋଜଗାର ଭଲ । ନିଜ ନିଜ କ୍ଷେତ୍ରରେ ସମସ୍ତେ ପ୍ରତିଷ୍ଠିତ । ହେଲେ ପରିବାର ସଦଶ୍ୟଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ନାହିଁ । ପ୍ରତିଦିନ ଝଗଡା ଲାଗି ରହୁଛି । ଫଳରେ ଘରର ଶାନ୍ତି ଭଙ୍ଗ ହେଉଛି । ଏହାର ଅନେକ କାରଣ ଥାଇପାରେ । ତେବେ ଅନେକ କ୍ଷେତ୍ରରେ ଘରର ବାସ୍ତୁଦୋଷ ଏପ୍ରକାର ପରିସ୍ଥିତି ସୃଷ୍ଟି କରେ ବୋଲି ବାସ୍ତୁବିତ୍ ମାନେ ମତ ଦିଅନ୍ତି ।

୧. ଘରର ଈଶାଣ କୋଣର ଉଚ୍ଚତା ଅନ୍ୟ କୋଣଗୁଡିକ ଅପେକ୍ଷା ଅଧିକ ଥିବା ଘରେ ଏହି ସମସ୍ୟା ଉପୁଜିବାର ଆଶଙ୍କା ଅଧିକ ଥାଏ । ଏ କ୍ଷେତ୍ରରେ ଅଭିଜ୍ଞ ବାସ୍ତୁବିତ୍‌ଙ୍କ ପରାମର୍ଶ ନେବା ଉଚିତ ।

୨. ଘରର ଉତ୍ତର-ପଶ୍ଚିମ ଦିଗରେ କୂଅ, ପାଣିଟାଙ୍କି ବା ଭୂତଳ କୋଠରି ସେହି ଘରେ ରହୁଥିବା ପରିବାର ପାଇଁ ଆଦୌ ଅନୁକୂଳ ନୁହେଁ । ଏହି ବାସ୍ତୁଦୋଷ ପରିବାର ସଦସ୍ୟଙ୍କ ମଧ୍ୟରେ ଥିବା ସମ୍ପର୍କକୁ ପ୍ରଭାବିତ କରେ ଏବଂ ପରସ୍ପର ମଧ୍ୟରେ ମନାନ୍ତର ସୃଷ୍ଟି କରେ ।

୩. ଘରର ଉତ୍ତର ଦିଗ ତୁଳନାରେ ଦକ୍ଷିଣ ଦିଗରେ ଅଧିକ ଖାଲିସ୍ଥାନ ପାରିବାରିକ ଶାନ୍ତି ଓ ସମ୍ପର୍କକୁ କ୍ଷୁଣ୍ଣ କରେ । ଏହାର ନିଦାନ ପାଇଁ ବାସ୍ତୁବିତ୍‌ଙ୍କୁ ଯୋଗାଯୋଗ କରିବା ଉଚିତ ।

୪. ହସ ଖୁସି ଅବସରରେ ଉଠାଯାଇଥିବା ପରିବାରର ଏକ ଗ୍ରୁପ ଫଟୋ ଘରର ଉତ୍ତର- ପୂର୍ବ କାନ୍ଥରେ ଲଗାନ୍ତୁ ।

୫. ଚନ୍ଦନ କାଠରେ ନିର୍ମିତ ଏକ ମୂର୍ତ୍ତି ଘରର ଲିଭିଂ ରୁମ/ଡାଇନିଂ ସ୍ପେସ ବା ଏମିତି ଏକ ସ୍ଥାନରେ ରଖନ୍ତୁ ଯାହା ଉପରେ ପରିବାର ସଦସ୍ୟଙ୍କ ଦୃଷ୍ଟି ପ୍ରତିଦିନ ବାରମ୍ବାର ପଡୁଥିବ । ୬. ପୁରୁଷ ସଦସ୍ୟଙ୍କ ମଧ୍ୟରେ ବିବାଦ ଥିଲେ କଦମ୍ବ ଗଛର ଗୋଟିଏ ଡାଳ ଘରେ ରଖନ୍ତୁ । ମହିଳା ସଦସ୍ୟଙ୍କ ମଧ୍ୟରେ କଳହ ହେଉଥିଲେ ସେମାନେ ଗୋଟିଏ ସମୟରେ ବା ଗୋଟିଏ ଅବସରରେ ସମସ୍ତେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ ନାହିଁ ।

ଉପାଧିଆ ଚେଲବାର୍ଡ

ପକ୍ଷୀଟିଏ ଯେତେ ଉଚ୍ଚସ୍ୱରରେ ରାବିଲେ ମଧ୍ୟ କେହି ବିଶେଷ ପ୍ରଭାବିତ ହୋଇନଥାନ୍ତି । ତେବେ ଏପରି ଏକ ପକ୍ଷୀ ଠାବ କରାଯାଇଛି ଯାହାର ରାବ ବିଶ୍ୱର ସବୁଠାରୁ ଅଧିକ ଡେସିବଲ୍‌ର ଶବ୍ଦ ସୃଷ୍ଟି କରେ । ଏହାର ଓଜନ ମାତ୍ରା ଅଧା ପାଉଣ୍ଡ, ହେଲେ ପଞ୍ଜରା ଏବଂ ଛାତିର ମାଂସପେଶୀ ଖୁବ୍ ଶକ୍ତ । ତେଣୁ ଏତେ ଜୋର୍‌ରେ ରାବ କରିପାରେ । ଆମାଜିନ୍ ବର୍ଷାରଣ୍ୟର ଉତ୍ତର ଭାଗରେ ବୈଜ୍ଞାନିକମାନେ ଏହାକୁ ଠାବ କରିଛନ୍ତି । ଏହାର ରାବ ଏତେ ତୀବ୍ର ଯେ ଏହା ମଣିଷର କାନ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ । ଏହି ପକ୍ଷୀ ହେଉଛି ଧଳା ବେଲ୍‌ବାର୍ଡ । ଧୋବା ଫରଫର ଶରୀରରେ କଳା ଥଣ୍ଟ ଏହାକୁ ଖୁବ୍ ସୁନ୍ଦର ରୂପେ ଦେଇଛି । ଏକ ରକ୍ ସଙ୍ଗୀତ କାର୍ଯ୍ୟକ୍ରମ, କାର୍‌ର ହର୍ନଠାରୁ ମଧ୍ୟ ଏହାର ରାବ ବେଶୀ ଶବ୍ଦ ସୃଷ୍ଟି କରିଥାଏ । ଏହା ୧୨୫ ଡେସିବେଲ୍‌ରୁ ଅଧିକ ହୋଇଥାଏ ବୋଲି ବୈଜ୍ଞାନିକମାନେ ଜଣାଇଛନ୍ତି । ବିଶେଷକରି ସାଥୀ ଅନ୍ୱେଷଣରେ ଥିବା ବେଳେ ଅଣ୍ଡିରା ବେଲ୍‌ବାର୍ଡ ଏପରି ଶବ୍ଦ କରିଥାଏ । ଅଣ୍ଡିରା ପକ୍ଷୀଟି ମାଈ ପକ୍ଷୀ ଏତେ ଜୋର୍ ଶବ୍ଦ କିପରି ସହ୍ୟ କରିପାରେ, ତାହା ଜାଣିବା ଖୁବ୍ ଉତ୍ସାହପ୍ରଦ ବୋଲି ମାଦାବୁସେଟ୍‌ସ ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନୀ ପ୍ରଫେସର ଜେଫ୍ ପୋଡୋସ୍ କହିଛନ୍ତି ।୮୫ ଡେସିବେଲ୍‌ରୁ ଅଧିକ ତୀବ୍ରତାର ଶବ୍ଦ ମଣିଷ କାନ ପାଇଁ କ୍ଷତିକାରକ । ବିଶ୍ୱରେ କେବଳ ୮୨ ଫୁଟ୍‌ରୁ ଜେଟ୍‌ର ଉଡାନ (୧୫୦ ଡେସିବେଲ୍), ଏୟାରକ୍ରାଫ୍ଟ କ୍ୟାରିୟର ଡେକରୁ ବିମାନର ଉଡାଣ (୧୪୦ ଡେସିବେଲ) ର ଶବ୍ଦ ତୀବ୍ରତା ଧଳା ବେଲବାର୍ଡର ଶବ୍ଦଠାରୁ ଅଧିକ ଜଣାଯାଇଛି । ଗଛର ପୂରା ଉପରେ ବସି ବେଲବାର୍ଡର ଏପରି ଶବ୍ଦ କରେ । ଏହା ଗବେଷଣା ରିପୋର୍ଟ କରେଣ୍ଟ ବାୟୋଲୋଜି ପତ୍ରିକାରେ ପ୍ରକାଶିତ ହୋଇଛି ।

ସଠିକ ସ୍ଥାନରେ ଦର୍ପଣ ଲଗାନ୍ତୁ

ଘରର ସବୁ ସ୍ଥାନରେ କିମ୍ବା ଦିଗରେ ଦର୍ପଣ ଲଗାଇବା ପୂର୍ବରୁ ଜାଣିରଖନ୍ତୁ କେତୋଟି ନିୟମ । ବାସ୍ତୁବିତ୍‌ଙ୍କ ମତରେ ଦର୍ପଣ ଠିକ୍ ସ୍ଥାନରେ ନ ଥିଲେ ଘରେ ଅଶାନ୍ତି, କଳହ ଉପୁଜିଥାଏ ।

➢ସ୍ନାନାଗାରରେ କବାଟ ସମ୍ମୁଖରେ ଦର୍ପଣ ଲଗାହୋଇଥିଲେ ଏହାର ସ୍ଥାନକୁ ତୁରନ୍ତ ପରିବର୍ତ୍ତନ କରନ୍ତୁ । ଏହା କାରଣରୁ ଘରେ କଳି, ଝଗଡା ହୋଇଥାଏ । ବିଶେଷ୍ କରି ଦମ୍ପତିଙ୍କ ମଧ୍ୟରେ ଆଦୌ ଉତ୍ତମ ବୁଝାମଣା ରହୁନଥିବାର ବାସ୍ତୁବିତ୍‌ଙ୍କ ମତ ।

➢ଗୃହର ଐଶାନ୍ୟ କୋଣ ବା ଉତ୍ତର-ପୂର୍ବ ଦିଗରେ ଦର୍ପଣ ଲଗାଇବା ଶୁଭ ଫଳ ପ୍ରଦାନ କରେ ।

➢ଶୟନ କକ୍ଷରେ ଦର୍ପଣ ଲଗାହୋଇଥିଲେ, ତାହାକୁ ଅନ୍ୟତ୍ର ରଖନ୍ତୁ । ନଚେତ୍ ଶୋଇବା ପୂର୍ବରୁ ଦର୍ପଣ ଉପରେ ଗୋଟିଏ କପଡାକୁ ଭଲଭାବେ ଢାଙ୍କିଦେବା ମୁଖ୍ୟ ନିୟମ ଅଟେ ।

➢ଦର୍ପଣକୁ ଏଭଳି ସ୍ଥାନରେ ଲଗାନ୍ତୁ. ଯେଉଁଥିରେ ଶୁଭ ଚିହ୍ନ ହେଉ ଅବା ଜିନିଷମାନ ପ୍ରତିବିମ୍ବିତ ହେବା ଦରକାର । ଏହା ଘରେ ସୁଖସମୃଦ୍ଧି ବଢାଉଥିବାର ବାସ୍ତୁବିତ୍‌ଙ୍କ ମତ ।

➢ନିଜ ମନ ଇଚ୍ଛା ଦର୍ପଣର ଡିଜାଇନ୍ କରିବା ମଧ୍ୟ କୁପ୍ରଭାବର ମୁଖ୍ୟ କାରଣ ଅଟେ । ଏସବୁ କରିବା ପୂର୍ବରୁ ଭଲଭାବେ ପରାମର୍ଶ ନେବା ଉଚିତ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଭୟ ନୁହେଁ, ଲୟ ଲୋଡ଼ା...

ଭାରତର କରୋନା ସ୍ଥିତି ଏବେ କେବଳ ଦେଶ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ଭାରତରେ କରୋନା ମହାମାରୀର ଯେଉଁ ଦ୍ୱିତୀୟ ଲହର ଏବେ ତାର ଶୀର୍ଷ ପର୍ଯ୍ୟାୟ ଆଡ଼କୁ ମାଡ଼ି ଚାଲିଛି, ସେଥିରେ ପ୍ରତି ମିନିଟରେ ଦେଶରେ ୨୪୩ ଜଣ ନୂଆ ପରିସଂଖ୍ୟାନ ଗତ ରବିବାର ସୁଦ୍ଧା ଗଣନା କରାଯାଇଥିବାବେଳେ ଏହା ଆଗାମୀ କେଇ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ଏହା ଅବଶ୍ୟ ଚିନ୍ତାର ବିଷୟ। ସୋମବାର ସୁଦ୍ଧା ଦେଶର କରୋନା ସଂକ୍ରମଣଜନିତ ଯେଉଁ ସର୍ବୋତ୍ତମ ସ୍ଥିତି ଜଣାପଡ଼ିଛି ତାହା ଅନୁସାରେ ଗତ ୨୪ ଘଂଟା ମଧ୍ୟରେ ଦେଶରେ ଆଉ ୩ ଲକ୍ଷ ୫୨ ହଜାରରୁ ଅଧିକ ନୂଆ ଆକ୍ରାନ୍ତ ହୋଇଥିବାବେଳେ ୨ ହଜାର ୮୧୨ ଜଣଙ୍କର କରୋନାଜନିତ ମୃତ୍ୟୁ ଘଟିଛି। ନୂତନ ସଂକ୍ରମିତ ଏବଂ ଆରୋଗ୍ୟ ହେଉଥିବା ସଂଖ୍ୟା ମଧ୍ୟରେ ତାରତମ୍ୟ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ଏବେ ଦେଶର ଆରୋଗ୍ୟ ହାର ୮୨ ଦଶମିକ ୬୨ ପ୍ରତିଶତକୁ ଖସିଆସିଛି। ଗତ ସପ୍ତାହ ସୁଦ୍ଧା ଦେଶର ଦଶ ବାରଟି ରାଜ୍ୟରେ ସଂକ୍ରମଣ ମାତ୍ରା ସର୍ବାଧିକ ଥିବାବେଳେ ଏବେ ତାହା ଊଣା ଅଧିକେ ସବୁ ରାଜ୍ୟରେ ସମାନ ସ୍ଥିତି ସୃଷ୍ଟି କରିଥିବା ଅନୁମାନ କରାଯାଉଛି। ତେବେ ରୋଗୀମାନଙ୍କ ଚିକିତ୍ସା ପାଇଁ ଏବେ ସବୁଠାରୁ ଅଧିକ ବାଧକ ସାଜିଛି ଅକ୍ସିଜେନ୍। ଦେଶରେ ମେଡିକାଲ ଅକ୍ସିଜେନର ଅଭାବ ଏତେ ଉତ୍କଟ ଆକାର ଧାରଣ କରିଛି ଯେ, ଏହାର ଅଭାବକୁ ଭରଣା କରିବା ସକାଶେ ସରକାର ସବୁ ସାମର୍ଥ୍ୟ ଏକାକାର କରିଛନ୍ତି। ଶିଳ୍ପ ସଂସ୍ଥାମାନଙ୍କୁ ଅକ୍ସିଜେନ୍ ଯୋଗାଣ ବନ୍ଦ କରାଯାଇ ସେସବୁକୁ ଯୁଦ୍ଧକାଳୀନ ଭିତ୍ତିରେ ବିଭିନ୍ନ ରାଜ୍ୟର ମେଡିକାଲଗୁଡ଼ିକୁ ଯୋଗାଇ ଦିଆଯାଉଛି। ଏଥିରେ ସଡ଼କ ପଥଠାରୁ ଆରମ୍ଭ କରି ରେଳବାଇ, ବିମାନ ସେବା ତଥା ଜାହାଜ ଚଳାଚଳ ବ୍ୟବସ୍ଥାକୁ ଉପଯୋଗ କରାଯାଉଛି। ଅକ୍ସିଜେନ୍ ଅଭାବରୁ ଦେଶର ବିଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ ହସପିଟାଲରେ ରୋଗୀମାନଙ୍କ ମୃତ୍ୟୁ କେବଳ ଲୋକମାନଙ୍କ ମନରେ ନୁହେଁ, ସରକାରଙ୍କୁ ମଧ୍ୟ ବିବ୍ରତ କରିପକାଇଛି। କାରଣ, ଯେଉଁ ମାତ୍ରାରେ ନୂତନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି, ତାହା ଚିକିତ୍ସା ସେବା ଉପରେ ଅଧିକରୁ ଅଧିକ ଚାପ ପକାଉଛି। ଏଠାରେ ଗୋଟିଏ ପ୍ରଶ୍ନ ସ୍ୱତଃ ମନକୁ ଆସେ। କରୋନାର ଦ୍ୱିତୀୟ ଲହର କେବଳ ଭାରତରେ ନୁହେଁ, ଇତିପୂର୍ବରୁ ବିଶ୍ୱର ଅନେକ ରାଷ୍ଟ୍ରରେ ଆସିଛି ଏବଂ ସେମାନେ ତାହାକୁ ସଫଳତାର ସହ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇପାରିଛନ୍ତି। ବ୍ରିଟେନ୍, ଦକ୍ଷିଣ ଆଫ୍ରିକା, ବ୍ରାଜିଲ ଆଦି ରାଷ୍ଟ୍ରରେ କରୋନାର ନୂଆ ମ୍ୟୁଟାଂଟ ସଂକ୍ରମଣ ମଧ୍ୟ ଦେଖା ଦେଇଥିଲା। କିନ୍ତୁ ତାହା ନିୟନ୍ତ୍ରଣ ଅବସ୍ଥାକୁ ଆସିପାରିଥିଲା। ପ୍ରଥମ ଲହରକୁ ଏତେ ସଫଳତାର ସହ ମୁକାବିଲା କରି ସାରା ବିଶ୍ୱରେ ଏକ ଅନୁକରଣୀୟ ଉଦାହରଣ ସୃଷ୍ଟି କରିଥିବା ଭାରତ ଦ୍ୱିତୀୟ ଲହରକୁ ସାମ୍ନା କରିବାରେ ଏଭଳି ବିଫଳ ହେବାର କାରଣ କଣ ହୋଇପାରେ? ଲୋକମାନେ କରୋନାକୁ ହେୟଜ୍ଞାନ କରି ପୁଣି ସ୍ୱଚ୍ଛନ୍ଦରେ ବାହାରେ ବିଚରଣ କରିବା ଗୋଟିଏ କାରଣ ଅବଶ୍ୟ। କିନ୍ତୁ ସରକାର ଚାହିଁଥିଲେ ଏହା ଉପରେ ବର୍ତ୍ତମାନ ଭଳି ନିୟନ୍ତ୍ରଣ ଲାଗୁ କରିପାରିଥାନ୍ତେ। ଦେଶର ପାର୍ବଣ, ଉତ୍ସବ ଓ ନିର୍ବାଚନ ଜନସମାଗମ ମଧ୍ୟ ଏହାର ଅନ୍ୟତମ କାରଣ ହୋଇପାରେ। ମାଡ୍ରାସ ହାଇକୋର୍ଟ ଏହି ମର୍ମରେ ନିର୍ବାଚନ କମିଶନଙ୍କ ଉପରେ କ୍ଷୁବ୍ଧ ହେବାର ମଧ୍ୟ ଯଥେଷ୍ଟ କାରଣ ରହିଛି। ଲୋକମାନଙ୍କ ଧନଜୀବନର ସୁରକ୍ଷା ନିମନ୍ତେ ଆବଶ୍ୟକ ସ୍ଥଳେ ପାଂଚଟି ରାଜ୍ୟର ବିଧାନସଭା ନିର୍ବାଚନକୁ ଘୁଂଚାଇ ଦିଆଯାଇଥିଲେ କୌଣସି ବେଦ ଅଶୁଦ୍ଧ ହୋଇନଥାନ୍ତା। ସେହିଭଳି କୁମ୍ଭମେଳା ଓ ଅନ୍ୟାନ୍ୟ ଜନସମାଗମ ମଧ୍ୟ ସଂକ୍ରମଣର ଅନ୍ୟତମ କାରଣ ବୋଲି ଭାବିବା ଅନୁଚିତ ହେବନାହିଁ। ମୋଟ୍ ଉପରେ କହିଲେ କରୋନାର ଦ୍ୱିତୀୟ ଲହର ପାଇଁ କେହି ପ୍ରସ୍ତୁତ ନଥିଲେ, ଯାହା ଏବେ ସମସ୍ତଙ୍କୁ ବିସ୍ମିତ କରିଛି। କିନ୍ତୁ ଏହାକୁ ରୋକିବାକୁ ଉପାୟ ନାହିଁ। ସ୍ଥିତି ଅଣଆୟତ୍ତ ଓ ଅସମ୍ଭାଳ ହୋଇପଡ଼ିଛି। ଏବେ ଏହାକୁ ରୋକିବା ନିମନ୍ତେ ଉପାୟ ନାହିଁ। ସ୍ଥିତି ଅଣଆୟତ୍ତ ଓ ଅସମ୍ଭାଳ ହୋଇପଡ଼ିଛି। ଏବେ ଏହାକୁ ରୋକିବା ନିମନ୍ତେ ନିଆଯାଉଥିବା ପଦକ୍ଷେପ ପର୍ଯ୍ୟାପ୍ତ ହେଉନାହିଁ। ତଥାପି ସ୍ଥିତିକୁ ମୁକାବିଲା କରିବାକୁ ପଡ଼ିବ ଏବଂ ଦେଶକୁ କରୋନା କବଳରୁ ରକ୍ଷା କରିବାକୁ ହେବ।

ଆସୁଛି ସୁଦିନ ...

ବିନୟ ଭୂଷଣ ପାଣିଗ୍ରାହୀ

ଆସୁଛି ସୁଦିନ ଅପସରି ଯିବ
କରୋନାର କଳାଛାଇ
ଗଲାକାଲି ପରି ହସିବ ଜଗତ
ଆନନ୍ଦବିଭୋର ହୋଇ।

ପ୍ରିୟପରିଜନ ସଙ୍ଗତେ ଜୀବନ
ବରସିବ ମଧୁ ପୁଣି
ଦୁର୍ଦ୍ଦିନକୁ ଯଦି ହରାଇବା ଆମେ
ବୈଦ୍ୟ ପରାମର୍ଶ ମାନି।

ମହାବାତ୍ୟା ହେଉ ଅବା ମହାମାରୀ
ସୀମିତ କାଳର କଥା,
ଆସି ଚାଲିଯା'ନ୍ତି କାଳରାତି ପରି
ପ୍ରାଣେ ଦେଇ କିଛି ବ୍ୟଥା।

ରାତ୍ରକାଳେ ଯେହ୍ନେ ନିରାପତ୍ତା ଅର୍ଥେ
ଆଳୟେ ସର୍ବେ ଆବଦ୍ଧ,
ଏଇବେଳେ ସମ ନୀତି ପାଳିବାକୁ
ହୋଇବା ପ୍ରତିଜ୍ଞାବଦ୍ଧ।

ଆଚ୍ଛାଦିତ କରି ନାସା-ବଦନକୁ
ରହିବା ଆଡେଇ ହେଇ
ଘନଘନ ହାତ ଧୋଇ ଦେଉଥିବା
ସାବୁନ ଟିକେ ଲଗାଇ।

ହସ୍ତ ବିଶୋଧକ କରି ବ୍ୟବହାର
ନାଶିବା ଭୁତାଣୁ ତକ
ଗୁଜବ ନଶୁଣି ଲଗାଇବା ଟୀକା
ମନରେ ନରଖି ଦକ।

ରୋଗର ସାମାନ୍ୟ ଲକ୍ଷଣ ଦେଖିଲେ
କରାଇନେବା ପରୀକ୍ଷା,
ବେଳ ଥାଉଥାଉ ଚିକିତ୍ସିତ ହେଲେ
ହେବ ନିଶ୍ଚେ ପ୍ରାଣରକ୍ଷା।

ଜ୍ଞାତସାରେ ଅବା ଅଜ୍ଞାନତା ହେତୁ
ନମାନିଲେ କଟକଣା,
ଗଙ୍ଗଦତ୍ତ ପରି ସ୍ୱବଂଶନାଶକ
ଭାବରେ ହୋଇବା ଗଣା।

ହରସିଂହ ପୂର, ପୀରହାଟ ବଜାର
ଭଦ୍ରକ-୭୫୬୧୩୧
ମୋ: ୯୯୩୭୫୪୮୪୩୧/
୯୪୩୮୬୭୦୧୨୦

ଓଡ଼ିଆ ଜାତିର ଚିର ନମସ୍ୟ ମଧୁବାବୁ

ବିଶ୍ୱବିଜୟୀ ଦାଶ

ଉତ୍ଥାନ, ପତନ ଗୋଟିଏ ଜାତିର ଇତିହାସରେ କିଛି ନୂଆ କଥା ନୁହେଁ।

ମୁସଲମାନ, ମରହଟ୍ଟା, ଇଂରେଜ ଶାସନ ଅମଳରେ ନିର୍ଯ୍ୟାତିତ ଓଡ଼ିଆ ଜାତି ମୂମୁର୍ଷ ଅବସ୍ଥାରେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସଂଗ୍ରାମରତ ଥିବାବେଳେ କେତେଜଣ କ୍ଷଣଜନ୍ମା ବ୍ୟକ୍ତିବିଶେଷଙ୍କ ଆବିଭାର୍ବ ଜାତୀୟ ଜୀବନରେ ଆଶାର ସଂଚାର କରିଥିଲା।ଉତ୍କଳୀୟ ସଂସ୍କୃତିର ସୁରକ୍ଷା ତଥା ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶାକୁ ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ଯେଉଁ ଯୋଗଜନ୍ମା ନିଜର ଜୀବନକୁ ତିଳତିଳ କରି ଉତ୍ସର୍ଗ କରିଥିଲେ, ସେମାନଙ୍କ ମଧ୍ୟରୁ ଦେଶପ୍ରାଣ ଉତ୍କଳଗୌରବ ମଧୁସୂଦନ ଦାସ ଅନ୍ୟତମ।ଆମ ଓଡ଼ିଶାର ପ୍ରଥମ ଓଡ଼ିଆ ବି.ଏ, ପ୍ରଥମ ଓଡ଼ିଆ ଏମ୍.ଏ, ପ୍ରଥମ ଓଡ଼ିଆ ଓକିଲ,ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ସ୍ୱାଧିନତା ସଂଗ୍ରାମୀ, ଯିଏକି ଓଡ଼ିଶାକୁ ନିଜର ପ୍ରାଣ ଦେଇ ଭଲ ପାଉଥିଲେ ଓ କାମ କରୁଥିଲେ ତଥା ଓଡ଼ିଆ ଜାତିର ଚିର ନମସ୍ୟ, ପ୍ରାତଃ ସ୍ମରଣୀୟ, ଚିର ବରଣୀୟ କୂଳବୁଦ୍ଧ ଉତ୍କଳଗୌରବ ମଧୁସୂଦନ ଦାସ।

ଉତ୍କଳଗୌରବ ମଧୁସୂଦନ ଦାସ କଟକ ଜିଲ୍ଲାର ସତ୍ୟଭାମାପୁରରେ ୨୮ ଅପ୍ରେଲ ୧୮୪୮ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଓ ମାତାଙ୍କ ନାମ ପାର୍ବତୀ ଦେବୀ। ତାଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା ସତ୍ୟଭାମାପୁରର ଗାଁ ଚାଟଶାଳୀରୁ ମାଟି ବଂଶ ଅବଧାନଙ୍କ ତତ୍ତ୍ୱାବଧାନରେ। ଚାଟଶାଳୀ ପଢ଼ା ଶେଷ କରି ସେ କଟକ ଗଲେ ଓ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ । ୧୮୬୪ରେ ମଧୁସୂଦନ ଅନ୍ୟ ଚାରିଜଣଙ୍କ ସହ କଟକ ସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାସ କରିଥିଲେ (ଆଜି ଏହାକୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କୁହାଯାଉଅଛି) । ଏହାପରେ ସେ ବାଲେଶ୍ୱରରେ କିରାଣି ଚାକିରିଟିଏ କଲେ । କିଛି ପଇସା ସଞ୍ଚୟ କରି ସେ ଉଚ୍ଚଶିକ୍ଷା ନିମିତ୍ତ ଚାନ୍ଦବାଲି ଦେଇ ଧୂଆଁକଳ ଚାଳିତ ନାଆରେ କଲିକତା ଯାତ୍ରା କଲେ। ୧୮୭୦ରେ ସେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟରେ ବି.ଏ. ପରୀକ୍ଷାର୍ଥୀମାନଙ୍କ ସଂସ୍କୃତ ପରୀକ୍ଷାର ଉତ୍ତର ନିଜ ମାତୃଭାଷରେ ଲେଖିବା ନିୟମ ଥିଲା, କିନ୍ତୁ ପରୀକ୍ଷକ ବଙ୍ଗଳା ଛଡ଼ା ଅନ୍ୟ କୌଣସି ଭାଷା ଜାଣି ନଥିବାରୁ ବଙ୍ଗଳା ବ୍ୟତୀତ ଅନ୍ୟ କୌଣସି ଲିପିରେ ସଂସ୍କୃତ ପ୍ରଶ୍ନୋତ୍ତର ଲେଖିବାକୁ ଅନୁମତି ମିଳୁନଥିଲା । ମଧୁବାବୁ ନିଜ ମାତୃଭାଷା ଓଡ଼ିଆରେ ସଂସ୍କୃତର ଉତ୍ତର ଲେଖିବାପାଇଁ ଜିଦ ଧରି ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟମାନଙ୍କୁ ଜଣାଇଲେ । ସେଠାରୁ କୌଣସି ସୁଫଳ ନ ମିଳିବାରୁ ସେ ତତ୍କାଳୀନ ବଙ୍ଗ-ବିହାର-ଓଡ଼ିଶାର ଲ୍ୟୁଟନାଣ୍ଟ ଗଭର୍ଣ୍ଣର ସାର ଉଇଲିଅମ ଗ୍ରେଙ୍କ ନିକଟକୁ ଏକ ଟେଲିଗ୍ରାମ ପ୍ରେରଣ କରିବାପରେ ଗ୍ରେଙ୍କ ହସ୍ତକ୍ଷେପ ପରେ ସେ ଓଡ଼ିଆରେ ନିଜର ଉତ୍ତର ଲେଖିଥିଲେ।ସେଠାରେ ମଧୁବାବୁ ଏମ୍.ଏ. ପାସ୍ କରିଥିଲେ। ତା'ପରେ ମଧୁବାବୁ କଲିକତା ବିଶ୍ୱବିଦ୍ୟାଳୟ ବି.ଏଲ୍. ପାସ କରି ସାରିଥିଲେ। ଓକିଲ ହେବାପରେ ମଧୁବାବୁ ପ୍ରଥମେ ଚବିଶ ପ୍ରଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ ।ସେଠାରେ ଥିବା ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ଉନ୍ନତି ପଥରେ ମଧୁବାବୁ ଲାଗିପଡ଼ିଥିଲେ। ପରେ ସେ କଲିକତା ହାଇକୋର୍ଟରେ ବାରିଷ୍ଟର ଜେଟି ଉଡ୍ରଫଙ୍କ ସହଯୋଗୀ ଭାବେ ଓକିଲାତି କରିଥିଲେ । ୧୨ ସେପ୍ଟେମ୍ବର ୧୮୮୧ରେ କଲିକତାରୁ ଫେରି ସେ କଟକରେ ଓକିଲାତି କଲେ। ବିଚକ୍ଷଣ ବୁଦ୍ଧି ବଳରେ ସେ ଓକିଲାତିରେ ବିଶେଷ ପାରଦର୍ଶିତା ଅର୍ଜନ କରିପାପିଥିଲେ ଓ ମଧୁବାରିଷ୍ଟର ଭାବେ ପରିଚିତ ହୋଇଥିଲେ। ତାଙ୍କର ଓକିଲାତି ଜୀବନକାଳରେ ସେ ବହୁ ଜନହିତକର କାର୍ଯ୍ୟ କରିଥିଲେ। ୬ ଜାନୁଆରୀ ୧୯୨୧ ମସିହାରେ ମଧୁବାବୁ ବିହାର ଓଡ଼ିଶାର ମନ୍ତ୍ରୀରୂପେ ନିଯୁକ୍ତି ପାଇଥିଲେ । ସେତେବେଳେ ମନ୍ତ୍ରୀମାନଙ୍କୁ ମାସିକ ବେତନ ମିଳୁଥିଲା । ଇଂରେଜ ସରକାରଙ୍କଠାରୁ ଦରମା ନେଇ କାମ କଲେ ଲୋକଙ୍କୁ ନିରପେକ୍ଷ ସେବା ଦେବା ସମ୍ଭବ ନୁହେଁ ବୋଲି ଯୁକ୍ତି କରି ସେ ଅବୈତନିକ ମନ୍ତ୍ରୀପଦ ପାଇଁ ପ୍ରସ୍ତାବ ରଖିଥିଲେ । ସରକାର ଏଥିରେ ରାଜି ନ ହେବାରୁ ୯ ମାର୍ଚ୍ଚ ୧୯୨୩ରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଓଡ଼ିଶାରେ ଚମଡ଼ାଶିଳ୍ପର ବିକାଶ ନିମନ୍ତେ ଉତ୍କଳ ଟ୍ୟାନେରି ଏବଂ ଓ କଟକର ସୁନା-ରୂପାର ତାରକସି କାମ ପାଇଁ ସେ ଉତ୍କଳ ଆର୍ଟ ୱାର୍କସର ପ୍ରତିଷ୍ଠା କରିଥିଲେ। ଉନ୍ନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ବେଳକୁ ଏକ ବିପର୍ଯ୍ୟନ୍ତ ଖଣ୍ଡିତ କଙ୍କାଳରେ ପରିଣତ ହୋଇସାରିଥିଲା ବାଣିଜ୍ୟ ସମୃଦ୍ଧ ବିଶାଳ ଓଡ଼ିଶା। ଉତ୍କଳ ଜନନୀର ପୂର୍ଣ୍ଣାଙ୍ଗ ରୂପ ପ୍ରତିଷ୍ଠା ପାଇଁ ଜାତୀୟ ଆନ୍ଦୋଳନର ପ୍ରାଣପ୍ରତିଷ୍ଠାତା ମଧୁବାବୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଦୁର୍ବାର ଅଭିଯାନ। ଉତ୍କଳୀୟ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଗଢ଼ିଥିଲେ ଜାତୀୟ ମହାମଞ୍ଚ ଉତ୍କଳ ସମ୍ମିଳନୀ। ଜାତୀୟତାର ମହାପ୍ରବାହ ସୃଷ୍ଟି କରିବାର ଆକାଂକ୍ଷା ନେଇ ଲେଖିଥିଲେ ପ୍ରାଣ ନିଗିଡ଼ା କବିତା।ଜାତୀୟ ବିକାଶ, ଜାତୀୟ ସମସ୍ୟା,ଜାତୀୟ ଚରିତ୍ର, ଜାତୀୟ ଅସ୍ମିତା ଓ ଜାତୀୟ ସ୍ୱାଭିମାନ ସହିତ ପ୍ରତ୍ୟେକ ଓଡ଼ିଆଙ୍କୁ ଯୋଡ଼ିବାର ସଂକଳ୍ପ ନେଇ ସମ୍ମିଳନୀ ମଣ୍ଡପରୁ ଗାଇଥିଲେ 'ଏଇ ସମ୍ମିଳନୀ ଜାତିପ୍ରାଣ ସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ, ତୋର ପ୍ରାଣ ବିନ୍ଦୁ ମିଶେଇ ଦେ ଭାଇ ଡେଇଁ ପଡ଼ି ସିନ୍ଧୁ ନୀରେ'।



ଗଭୀର ଜାତୀୟତାବୋଧର ଉଦବେଳନ ନେଇ ଭାବିଲେ ମନେହୁଏ ଏହା କେବେବି ଜଣେ ସାଧାରଣ କବିର ଆହ୍ୱାନ ନୁହେଁ, ବରଂ ଜଣେ ମହାମାନ୍ତ୍ରିକ ସଞ୍ଜିବନୀ ମନ୍ତ୍ର, ଯେଉଁ ମନ୍ତ୍ରର ଯାଦୁକରୀ ମାୟାରେ ଦିନେ ଚେଇଁ ଉଠିଥିଲା ସମଗ୍ର ଓଡ଼ିଆ ଜାତି।

ତାଙ୍କରି ଲେଖନୀ ନିସୃତ କବିତା ଏବେ ବି ଓଡ଼ିଆଙ୍କ କାନରେ ଠାଇ ଠାଇ ହୋଇ ବାଜେ-

'ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ସାହାସ
ପଡ଼ିବକି କେବେ ମନେ ?'

ସେ ଓଡ଼ିଆ ଓ ଇଂରାଜୀରେ ଅନେକ ଉପାଦେୟ ଲେଖା ଲେଖିଯାଇଛନ୍ତି । ତାଙ୍କର କେତୋଟି ଜଣାଶୁଣା ଲେଖା ହେଉଛି, 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଉକ୍ତି', 'ଜାତୀୟ ଗୀତିକା'। ସେ ମଧ୍ୟ ଓଡ଼ିଆ, ଇଂରାଜୀ ଓ ବଙ୍ଗଳାରେ ଜଣେ ସୁବକ୍ତା ଥିଲେ ।

ଏହି ମହାପୁରୁଷ, ଓଡ଼ିଆ ମାଟିର ସ୍ୱାଭିମାନ କୂଳବୁଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସ ୧୯୩୪ ମସିହା ଫେବୃଆରୀ ୪ ତାରିଖ ରେ ଓଡ଼ିଶା ବାସୀଙ୍କୁ ଶୋକସାଗରରେ ଭସାଇ ଚାଲିଗଲେ। ଆଜି ତାଙ୍କର ଜନ୍ମଜୟନ୍ତୀ ଅବସରରେ ମୋର ଭୂମିଷ୍ଠ ପ୍ରଣାମ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ।

+ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ- ୭୫୨୦୩୫
ମୋ: ୬୩୭୦୨୦୮୪୨୮

ଉତ୍କଳ ଗୌରବ...

ସୁଦର୍ଶନ ମହାପାତ୍ର



ଜାତି ନନ୍ଦିଘୋଷ ପ୍ରବାଦ ପୁରୁଷ
ଧନ୍ୟ ତୁମ ଯଶ କୀର୍ତ୍ତି
ଏ ମାଟି ସନ୍ତାନ ହେ ମଧୁସୂଦନ
ତୁମେ ଅମଳିନ ଜ୍ୟୋତି ।

ଜାତି ଗଉରବ ଜାତିର ବିଭବ
ଜାତି ସ୍ୱାଭିମାନ ନେଇ
ବିଶ୍ୱକର୍ମା ସାଜି ଗଢି ତୋଳିଥିଲ
ସ୍ୱତନ୍ତ୍ର ଉତ୍କଳ ଭୂଇଁ ।

ତୁମେ ବୁହାଇଲ ଉତ୍କଳର ବକ୍ଷେ
ଜ୍ଞାନର ଆଲୋକ ଧାରା
ଓଡ଼ିଆ ଭାଷାର ଓଡ଼ିଆ ଲିପିର
ତୁମେ ସୂତ୍ରଧର ପରା ।

ଜାତି ପ୍ରୀତି ବହ୍ନି ଜାଳିଥିଲ ତୁମେ
ସ୍ୱାର୍ଥକୁ ଆହୂତି ଦେଇ
ଏ ମାଟି ମହକ ବାଣ୍ଟିଥିଲ ବିଶ୍ୱେ
ଜାତି କର୍ଣ୍ଣଧାର ହୋଇ ।

ନୁଆଇଁ ନଥିଲ ତିଳେ ତୁମ ମଥା
ଜାତି ସ୍ୱାଭିମାନ ପାଇଁ
ଅକ୍ଷୟ ରହିଲା କୀରତି ତୁମର
ଶିଖରକୁ ଗଲା ଛୁଇଁ ।

ତୁମ ପୂଣ୍ୟ ତିଥି ଜଗାଏ ଅନ୍ତରେ
ସ୍ୱାଭିମାନ, ଜାତିପ୍ରୀତି
ହେ ମହାମହିମ ଉତ୍କଳ ଗୌରବ
ଘେନ ଆମର ପ୍ରଣତି ।

+ କୁଞ୍ଜବିହାରୀ ଲେନ, କଟକ

ଘେନ ଆମ ଶ୍ରଦ୍ଧାଞ୍ଜଳି...

ରତ୍ନକାନ୍ତି ମିଶ୍ର

ହେ ମହାମହିମ ମଧୁବାବୁ ତୁମେ
ଏ ମାଟିର ମହାରଥୀ
ଶତାବ୍ଦୀର ସୂର୍ଯ୍ୟ ଜାତି କର୍ଣ୍ଣଧାର
ଅମଳିନ ତୁମ ଜ୍ୟୋତି ।

ଦିବ୍ୟ ଚେତନାର ମାର୍ଗଦର୍ଶକ ହେ
ଜନ ଜାଗରଣ ସ୍ୱର
ନବ ଉତ୍କଳର ସ୍ରଷ୍ଟା ପରା ତୁମେ
କୀର୍ତ୍ତି ତୁମ ସମୁଜ୍ଜଳ ।

ଧନ୍ୟ ତୁମେ କବି ଧନ୍ୟ ତୁମେ ବାଗ୍ମୀ
ଧନ୍ୟ ହେ ସନ୍ତାନ ଶ୍ରେଷ୍ଠ
ଯୋଗଜନ୍ମା ତୁମେ ସାହିତ୍ୟ ସାଧକ
ଅନନ୍ୟ ବ୍ୟକ୍ତି ବିଶିଷ୍ଟ ।

ଜାତି ନନ୍ଦିଘୋଷ ପ୍ରବାଦ ପୁରୁଷ
ରବି ରୂପେ ନଭେ ଉଇଁ
ନବ ଚେତନାରେ କଲ ଆଲୋକିତ
ପବିତ୍ର ଉତ୍କଳ ଭୂଇଁ ।

ଉତ୍କଳ ମାତାର ଯୋଗ୍ୟତମ ପୁତ୍ର
ବାରିଷ୍ଟର ମଧୁବାବୁ
ଓକିଲାତି ପଣେ ଫିରିଙ୍ଗର ବୁଦ୍ଧି
କରିଥିଲ ଦିନେ କାବୁ ।

ଭାଷାପ୍ରୀତି ତୁମ ସତେ ଅନୁପମ
ଏକତାର ମହାମନ୍ତ୍ର
ଅଭିମନ୍ତ୍ରିତ ହୋଇଲା ଏ ଜାତି
ଓଡିଶା ହେଲା ସ୍ୱତନ୍ତ୍ର ।

ଉତ୍କଳ ଗୌରବ ଏ ମାଟିର ଗର୍ବ
କେହି ନୁହେଁ ତୁମ ଭଳି
ହେ ମାନବବାଦୀ ପଥ ପ୍ରଦର୍ଶକ
ଘେନ ଆମ ଶ୍ରଦ୍ଧାଞ୍ଜଳି ।

+ଆଳି ,କେନ୍ଦ୍ରାପଡାଞ୍ଚଞ

କୁଳବୃକ୍ଷ

ସୁଧାଂଶୁ ଶେଖର ଦ୍ୱିବେଦୀ

ଚୌଧୁରୀ ରଘୁନାଥ ଦାସ ଓ ପତ୍ନୀ ପାର୍ବତୀ ଦେଇଙ୍କ କୁଳ ମଣ୍ଡନ କରି ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ଯେଉଁ ଶିଶୁ ଜଣକ ଜନ୍ମ ହେଲେ ସେ ହେଉଛନ୍ତି ଆମ ଓଡ଼ିଶା ମାଟିର ଓଡ଼ିଆ ପୁଅ ଉତ୍କଳ ଗୌରବ ମଧୁସୂଦନ ଦାସ। ସେ କଟକ ଜିଲ୍ଲାର ସତ୍ୟଭାମା ପୁରରେ ଜନ୍ମିଥିଲେ। ତାଙ୍କର ବାଲ୍ୟ ନାମ ଥିଲା ଗୋବିନ୍ଦ ବଲ୍ଲଭ ଦାସ। ୧୩ ବର୍ଷ

ଉତ୍କଳ ଗୌରବ
ମଧୁବାବୁଙ୍କ ଜୟନ୍ତୀ ଉତ୍ସବରେ
୫
ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ବୁଧବାର, ୨୮ ଅପ୍ରେଲ, ୨୦୧୯

ମଧୁବାବୁ ଓ ସତ୍ୟଭାମାପୁର

ସୌମ୍ୟରଞ୍ଜନ ଭୂୟାଁ

କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି । ଏହି ଲୋକକଥାଟି ମଧୁବାବୁଙ୍କ ଜୀବନୀଦର୍ଶନରେ ଅନୁପ୍ରାଣିତ ହେବାକୁ ପ୍ରତ୍ୟେକ ଓଡ଼ିଆମାନଙ୍କୁ ଆହ୍ୱାନ କରେ ଓ ଭବିଷ୍ୟତ ଗଢ଼ିବାରେ ପ୍ରେରଣା ଦିଏ ।

ତୁମପରି ଛୋଟପିଲାଟିଏ,
ଗାଁ ଗ୍ରହାଳିର ଗ୍ରଟସିଏ,
ଚେହେରାଟି ତାର ଡଉଲ ଡାଉଲ
ବୁଦ୍ଧିରେ ତାର ସରିକିଏ ?
ବଡ଼ ହେଲା ଦିନେ ସେହି ପିଲା
ମଧୁବାରିଷ୍ଟର ବୋଲାଇଲା
ଦେଶ ପାଇଁ କେତେକାମ କରି ସିଏ
କାଳେ କାଳେ ଯଶ ରଖିଗଲା ।

ଏ ପଦ୍ୟାଂଶଟି ମନେପକେଇ ଦିଏ ମଧୁବାବୁଙ୍କ ଗାଁ ପ୍ରୀତି, ଗାଁ ମାଟିର ପାଣି ପବନ, ପିଲାଦିନ, ଦେଶ ଓ ଜାତିର ସୁରକ୍ଷାର ମନୋଭାବ । କେବଳ ମଧୁବାବୁ ମଧୁବାରିଷ୍ଟର, ଶତାବ୍ଦୀର ସୂର୍ଯ୍ୟ, ପଗଡ଼ି ପୁରୁଷ, କୂଳବୃଦ୍ଧ ପରି ଅନେକ ନାମରେ ସେ ପରିଚିତ । ଅବିଭକ୍ତ କଟକ ଜିଲ୍ଲାର, ସାଲେପୁର ଥାନା ଅର୍ନ୍ତଗତ, କଟକ-ଗ୍ରନ୍ଦବାଲି ରାସ୍ତାଠାରୁ ମାତ୍ର ୩ କି.ମି ଦୂରରେ ଥିବା ପବିତ୍ର ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହା ଏପ୍ରିଲ୍ ୨୮ ତାରିଖ ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀଙ୍କ କୋଳମଣ୍ଡନ କରି ଯିଏ ଧରାପୃଷ୍ଠରେ ଆବିର୍ଭାବ ହୋଇଥିଲେ ସେ ଥିଲେ ଗୋବିନ୍ଦ ବଲ୍ଲଭ ଦାସ, ପରବର୍ତ୍ତୀ ସମୟରେ ସେ ପରିଚିତ ହୋଇଥିଲେ ମଧୁସୂଦନ ଦାସ ଓ ପ୍ରତ୍ୟେକ ଓଡ଼ିଆଙ୍କ ଅତିପ୍ରିୟ ମଧୁବାବୁ । ତୁଳସୀ ଦୁଇପତ୍ରରୁ ବାସିବା ପରି ପିଲାଦିନରୁ ଜଣାପଡ଼ିଥିଲା ଯେ ଗୋବିନ୍ଦ ବଲ୍ଲଭ ଉତ୍କଳର ଜଣେ ବିଚକ୍ଷଣ ଧିସମ୍ପର୍ନ୍ନ ମହାନାୟକ ସାଜିବେ ବୋଲି, ଯାହା ତାଙ୍କ ଜୀବନ ଦର୍ଶନରୁ ଜଣାପଡ଼େ ।ଏହିପରି ଏକ ଉଦାହରଣ ଦେବାକୁ ମୁଁ ଉଚିତ ମନେକରେ । ଛଅବର୍ଷ ବୟସରେ ତାଙ୍କ ମା' ପାର୍ବତୀ ଦେବୀ ପୁଅକୁ ଡାକି କହିଲେ "ବାପରେ ଗଲୁ ଆମ ପଡ଼ିଶା ଘରୁ ଟିକିଏ ନିଆଁ ଅଣିବୁ ।" ମା'ଙ୍କ ର କଥା ସେତ କେବେ ଅମାନ୍ୟ କରନ୍ତି ନାହିଁ, ପାଖ ଓଡ଼ିଶା ଘରକୁ ଧାଇଁ ଯାଇ ଖଣ୍ଡେ ନିଆଁ ମାଗିଲେ । ଚୁଲୀରେ ନିଆଁ ଡହ ଡହ, ଛୋଟ ପିଲାଟା କେମିତି ନେବ ? ମାତ୍ର ହାରିବା ଯାହାର ଜାତକରେ ନାହିଁ ସେ କ'ଣ ମୁଣ୍ଡ ନୁଆଁଇବ ? ଦୁଇହାତରେ ଆଞ୍ଜୁଳାଏ ବାଲି ନେଇ କହିଲେ ଏବେ ନିଆଁମୁଣ୍ଡାକୁ ଏହି ବାଲି ଉପରେ ରଖିଦିଅନ୍ତୁ କିଛି ହେବ ନାହିଁ । ଛୋଟ ପିଲାଟିର ଏ ବୁଦ୍ଧିଦେଖି ପଡ଼ିଶା ଘରର ଲୋକେ ସେଦିନ ଯେତିକି ଚକିତ ହେଲେ ସେତିକି ଆଶୀର୍ବାଦ ମଧ୍ୟ ଦେଲେ ଏ ବିଚକ୍ଷଣ ବୁଦ୍ଧି ଦେଖି ପଡ଼ିଶାଘରର ବୃଦ୍ଧଟିଏ ଆସି ପାର୍ବତୀ ଦେଇଙ୍କୁ କହିଲେ, "ମା' ! ତୋ ପୁଅଟି ଦିନେ ବଡ଼ ମଣିଷ ହେବ । ମଧୁବାବୁଙ୍କ ସାହାସ ଓ ବିଚକ୍ଷଣତା ଏହିପରି ପିଲାଦିନରୁ ହିଁ ସେ ଦେଖାଇଥିଲେ । ଦଶହରା ଛୁଟିରେ ସାଙ୍ଗମାନଙ୍କୁ ଏକତ୍ରିତ କରି ଗାଁ ରାସ୍ତାକୁ ସମତୁଲ କରିବାପରେ ସେ ଅଞ୍ଚଳବାସୀ ତାଙ୍କୁ ସେଦିନ ଯେପରି ଅଜସ୍ର ଆଶୀର୍ବାଦ ଅଜାଡ଼ି ଦେଇଥିଲେ, ସେ ଦିନକୁ ଭୁଲିବାର ନାହିଁ । ସେ ଥିଲେ ଏକାଧାରରେ ଶିକ୍ଷକ, ସୁଦକ୍ଷ ଓକିଲ, ଅନୁବାଦକ, ଲେଖକ ଓ କର୍ମଯୋଗୀ, ୧୮୮୨ ଉତ୍କଳ ସଭାର ଗଠନ, ୧୮୮୫ ସମ୍ବଲପୁର କଚେରୀରୁ ଓଡ଼ିଶା ଭାଷା ବିଲୋପ ଷଡ଼ଯନ୍ତ୍ର ଓ ଏହାର ପ୍ରତିପାଦ, ୧୮୮୬ ଦ୍ୱିତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ଯୋଗଦାନ, ୧୮୮୭ ଶ୍ରୀ ମନ୍ଦିର ମକଦମାର ସଂଗ୍ରଳନା, ୧୮୮୭ କଟକଠାରେ ପ୍ରଥମ ରଙ୍ଗମଞ୍ଚ ସ୍ଥାପନ, ଶାସ୍ତ୍ରୀୟ ଓ ଓଡ଼ିଶୀ ସଙ୍ଗୀତ ଆସରର ଅୟୋଜନ, ୧୮୮୮ ବଙ୍ଗଲାଟଙ୍କ ପାଖେ ଦେଶ ମିଶ୍ରଣର ଦାବି, ୧୮୯୭ ବିଲାତ ଯାତ୍ରା । ଲଣ୍ଡନରେ ଓଡ଼ିଶାର ସ୍ୱଦେଶୀ ଶିଳ୍ପ ପ୍ରଦର୍ଶନୀ ଏହିପରି ଉତ୍କଳ ପ୍ରଦେଶର ସୁନାମ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ କରିବାର ଲକ୍ଷ୍ୟକୁ ସେ ଜୀବନର ବ୍ରତ ଭାବେ ବାଛି ନେଇଥିଲେ । କିନ୍ତୁ ଜୀବନ ବ୍ୟାପୀ ଅର୍ଥନୈତିକ, ରାଜନୈତିକ, ପ୍ରଶାସନିକ ଓ ସାମାଜିକ ବିପ୍ଳବର ସୁଫଳ ଦେଖିବାର ପରମ ସୌଭାଗ୍ୟ କିନ୍ତୁ ତାଙ୍କୁ ପ୍ରାପ୍ତ ହୋଇପାରିନଥିଲା । ତାଙ୍କ ମୃତ୍ୟୁର ଦୁଇବର୍ଷ ପରେ ଦେଶ ସ୍ୱାଧୀନ ହେବାର ବାରବର୍ଷ ପୂର୍ବରୁ ୧୯୩୬ ମସିହା ଏପ୍ରିଲ ୧ତାରିଖରେ ଓଡ଼ିଶା ଏକ 'ସ୍ୱତନ୍ତ୍ର ପ୍ରଦେଶ' ରୂପେ ପ୍ରତିଷ୍ଠିତ ହୋଇପାରିଥିଲା । ଯାହା ଏବେ 'ଉତ୍କଳ ଦିବସ' ରୂପେ ପାଳିତ ହେଉଅଛି ।

ଯେପରି ଜଗତର ନାଥ ଶ୍ରୀଜଗନ୍ନାଥ ଓ ପୁରୀ ଧାମ ବିଶ୍ୱପ୍ରସିଦ୍ଧ । ସେହିପରି ପ୍ରତ୍ୟେକ ଓଡ଼ିଶା ବାସୀଙ୍କୁ ଲାଗି ମଧୁବାବୁ ଓ ସତ୍ୟଭାମାପୁର ମଧ୍ୟ ବିଶ୍ୱପ୍ରସିଦ୍ଧ । ମଧୁବାରିଷ୍ଟଙ୍କ ଏନ୍ତୁଡ଼ିଶାଳ ଆମଲାଗି କୌଣସି ଏକ ତୀର୍ଥସ୍ଥଳୀଠୁ କମ୍ ନୁହେଁ । ଏହିପରି ଏକ ଚମତ୍କାର ଅନୁଭୂତିକୁ ସାଉଁଟିଛି । ସାଲେପୁରିଆ ହିସାବରେ ସବୁବେଳେ ଆମେ ମଧୁବାବୁଙ୍କ ଲାଗି ଗର୍ବକରୁ । ମଧୁବାବୁ ପଢ଼ିଥିବା ମହାସିଂହପୁର ବିଦ୍ୟାଳୟ ନିକଟସ୍ଥ କିଶିନାପୁର ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଗ୍ରଟେଶ୍ୱରଙ୍କ ପୀଠରେ 'ସଂପର୍କ ସାହିତ୍ୟ ସଂସଦ'ର ବାର୍ଷିକ ଉତ୍ସବରେ ସୁଦୂର ଭଦ୍ରକରୁ ଜଣେ କବି ଓ ଏକ ପତ୍ରିକାର ସଂପାଦକ ମହୋଦୟ ଅତିଥି ରୂପେ ଯୋଗଦେବାର ଥିଲା । କିନ୍ତୁ ଟେଲିଫୋନରେ କହିଥିଲେ ମୁଁ ଆଗେ ମଧୁବାବୁଙ୍କ ଏନ୍ତୁଡ଼ିଶାଳକୁ ଯିବାପରେ ଯାଇ ସାହିତ୍ୟ ଆସରକୁ ଯିବି । ମୁଁ ଓ ମୋ ସହ ଦୁଇଜଣ ଯୁବ ଲେଖକ ତାଙ୍କୁ ମଧୁବାବୁଙ୍କ ତୋରଣ (ସତ୍ୟଭାମାପୁର) ଠାରୁ ଏନ୍ତୁଡ଼ିଶାଳ ପର୍ଯ୍ୟନ୍ତ ପାଛୋଟି ଆଣିଲୁ । ଧୋବ ଫରଫର ପଞ୍ଜାବୀ ଓ ପାଇଜାମା ପିନ୍ଧିଥିବା ସଂପାଦକ ମହୋଦୟ ସେ ମାଟିକୁ ମୁଣ୍ଡଠୁଁ ଗୋଡ଼ ପର୍ଯ୍ୟନ୍ତ ବୋଳି ହୋଇଯିବା ଦେଖି ଯେତିକି ଅଭିଭୂତ ହେଲି ତା'ଠୁ ବେଶି ଖୁସିହେଲି ଆମେ ସେଇ ଅଞ୍ଚଳବାସୀ ହିସାବରେ । ମାଟି ସବୁକୁ ଦେହ ମୁଣ୍ଡ କାହିଁକି ବୋଳିହେଲେ ବୋଲି ପଗ୍ଧରିବାରୁ ସେପଟୁ ଉତ୍ତର ଥିଲା ଏ ପବିତ୍ର ମାଟିକୁ ଆସିବାକୁ ଏତେ ସମୟଲାଗିଗଲା, ଯଦି ଜୀବନ କାଳ ମଧ୍ୟରେ ଏ ଯାଗାକୁ ଆସିପାରି ନଥାଆନ୍ତି ତାହେଲେ ଏକ ବଡ଼ ଅବଶୋଷ ରହିଯାଇଥାନ୍ତା । ଗଲାବେଳକୁ କିଛି ମାଟିବି ସାଙ୍ଗରେ ନେଇଗଲେ । ଏଥିରୁ ଜଣାପଡ଼େ ପ୍ରତି ଓଡ଼ିଆଙ୍କ ଭୂସ୍ୱର୍ଗରେ ଏ ସତ୍ୟଭାମାପୁର ରହି ଆସିଛି । ଏବେ ସତ୍ୟଭାମାପୁର ଆଦର୍ଶ ଗ୍ରାମ ରୂପେ ପରିଚିତ । ମଧୁବାବୁଙ୍କ ଅମଳର ନୂଆଁଳିଆ ଗ୍ରଳଘର (ଏନ୍ତୁଡ଼ିଶାଳ) ଏବେ ମଧ୍ୟ ଅନ୍ତୋବାସୀଙ୍କ ଯତ୍ନରୁ ସୌନ୍ଦର୍ଯ୍ୟ ଦ୍ୱିଗୁଣିତ କରେ । (ରସକୁଣ୍ଡ) ନାମରେ ଥିବା ପୁଷ୍କରିଣୀ ଏବେ ପୁନରାଦ୍ଧାର କରାଯାଇଅଛି । ବହୁଦିନର ଦାବୀ ଫଳରେ ସଂଗ୍ରାହଳୟ ଓ ପାଠାଗାର ନିର୍ମାଣ କାର୍ଯ୍ୟ ଆପାତତଃ ଶେଷ । ଆଲୋକାକରଣ, ପାର୍କ ସହ କଲ୍ୟାଣ ମଣ୍ଡପ ମଧ୍ୟ ନିର୍ମିତ ହୋଇଅଛି । ସତ୍ୟଭାମାପୁରକୁ ୨୦୧୭ ମସିହାରେ ନୂତନଗ୍ରାମ ପଞ୍ଚାୟତରେ ମାନ୍ୟତା ମିଳିଛି, କିନ୍ତୁ ମଧୁବାବୁଙ୍କ ଚାଟଶାଳୀ ଯାହା ପରବର୍ତ୍ତୀ ସମୟରେ ୧୯୦୯ ମସିହାରେ ମହାସିଂହପୁର ହାଇସ୍କୁଲ ନାମରେ ନାମିତ ତାହାର ବିଶେଷ ଉନ୍ନତି ହୋଇପାରିନାହିଁ । ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଟ ଏ ପବିତ୍ର ପୀଠକୁ ଆକର୍ଷଣୀୟ ଓ ସ୍ମରଣୀୟ କରିବା ପାଇଁ କେତେକ କାର୍ଯ୍ୟ ହାତକୁ ନେଇଛନ୍ତି କିନ୍ତୁ ଏ ଦିଗରେ ଆହୁରି ଅନେକ କାର୍ଯ୍ୟ ବାକି ରହିଛି । ପରିଶେଷରେ ଏ ଯୁବପିଢ଼ି ହିଁ ଏ ସତ୍ୟଭାମାପୁରର ଭାଗ୍ୟବିଧାତା । ଅତ୍ୟାଧୁନିକ ପରିପାଟୀରେ ବିଭୋର ଯୁବ ସମାଜ ଏକ ଦିଗହରା ଜୀବନ ବିତାଉଛନ୍ତି । ସୋସିଆଲ ମିଡ଼ିଆରେ ଯୁବପିଢ଼ି ଏବେ ଉବୁଡୁବୁ । ମଧୁବାବୁଙ୍କ ଉତ୍ତରଦାୟାଦ ଭାବରେ ଜୀବନ ଜିଇବାକୁ ସେମାନେ କୁଣ୍ଠିତ ।

ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ।

ଏ ପଦ୍ୟାଂଶଟି ଆମକୁ ସୂଚେଇଦିଏ ଓଡ଼ିଆ ଜାତିକୁ ମଧୁବାବୁ କେତେ ଭଲପାଉଥିଲେ ସବୁ ସ୍ୱାର୍ଥକୁ ପଛରେ ପକାଇ ଏ ଜାତିକୁ ଆମେ ଟାଣି ନେବାନି ଯଦି ଆଉ କିଏ ନେବ ?

ସେହି ଅସାଧାରଣ ଯୁଗପୁରୁଷ, ଶତାବ୍ଦୀର ମହାନାୟକ, ପ୍ରଜ୍ଞା ପୁରୁଷଙ୍କ ପବିତ୍ରତମ ଜୟନ୍ତୀ ଦିବସରେ ଏ ଜାତି ତାର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆମେ ଓଡ଼ିଆମାନେ ନିଜକୁ ଗୌରବାନ୍ୱିତ ମନେକରୁଛୁ । ହେ ଜାତିସ୍ମର, ଉତ୍କଳର କାଳଜୟୀ ପୁରୁଷଉମ ! ତୁମ ପାଦତଳେ କୋଟି କୋଟି ପ୍ରଣାମ !!

+ପୂରଣ, ସାଲେପୁର, କଟକ

ମଧୁବାବୁ ଥିଲେ ବୋଲି

ଡଃ ରାଧାରଂଜନ ପଟ୍ଟନାୟକ

ଉନବିଂଶ ଶତାବ୍ଦୀର ଶେଷ ଏବଂ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଓଡ଼ିଆ ଜାତି ଭାଷାଗତ ସୀମା ନିର୍ଦ୍ଧାରଣ କରିବାରେ ଯେଉଁ କେତେଜଣଙ୍କ ନାମ ଆଜି ବି ସ୍ମରଣୀୟ ସେମାନଙ୍କ ମଧ୍ୟରେ ଉତ୍କଳଗୌରବ ମଧୁସୂଦନ ଥିଲେ ଅନ୍ୟତମ । ଗୋଟିଏ ପାର୍ଶ୍ୱରେ ଜାତୀୟ ଚେତନାର ନୂତନ ଉଦ୍‌ବେଳନ ଏବଂ ଅନ୍ୟପାର୍ଶ୍ୱରେ ପ୍ରାଦେଶିକତାର ଚକ୍ରବ୍ୟୂହ ମଧ୍ୟରେ ସମସ୍ତ ଆତ୍ମୀୟତାକୁ ବାନ୍ଧି ରଖିବାର ପ୍ରଗାଢ଼ ପ୍ରୟାସ ଜାରି ଥିଲାବେଳେ ଏଇ ମାଟିରେ ୧୮୪୮ ଏପ୍ରିଲ୍ ୨୮ ତାରିଖ କଟକ ଜିଲ୍ଲା ସତ୍ୟଭାମାପୁର ଠାରେ ଜନ୍ମନେଇଥିଲେ ମଧୁସୂଦନ । ପରାଧୀନ ଭାରତବର୍ଷ ନିର୍ଯ୍ୟାତିତ ଓଡ଼ିଆ ଜାତି ଅନ୍ଧାରୀ ମୂଳକରେ ଜୀବନ ବିତାଉଥିଲା ବେଳେ ଜାତି-ପ୍ରେମ-ବହ୍ନିର ମହାଦୀପଟିଏ ହୋଇ ମଧୁସୂଦନ ଆଶାର ଦୀପାଳି ଜାଳିଥିଲେ । 'ଉଠରେ ଉଠରେ ଉତ୍କଳ ସନ୍ତାନ' ଭିତରେ ଓଡ଼ିଆ ଜାତିର ପ୍ରାଣରେ ନୂଆ ଚେତନାର ରାହା ଆଣିଥିଲେ । ନିର୍ବେଦ, ନିଷ୍ପ୍ରାଣ, ନିଥର ଓଡ଼ିଆ ଜାତିପ୍ରାଣରେ ନୂଆ ଜୀବନ ସଂଚାର କରିଥିଲେ । ବାସ୍ତବରେ ଉତ୍କଳ ଗୌରବ ମଧୁସୂଦନ ଓଡ଼ିଆ ଜାତିର ଅନ୍ତରାତ୍ମାରେ ଥିଲେ ଏକ ସ୍ପନ୍ଦନ । ଉତ୍କର୍ଗାଗ୍ରତ ଜୀବନର ସେ ଥିଲେ ଏକ ଅନିର୍ବାଣ ମହାଶିଖ । ମଧୁଝରା କଥା କହି ପ୍ରତ୍ୟେକଟି ଓଡ଼ିଆ ପାଖରେ ଆପଣାର ହୋଇପାରିଥିଲେ ।

କର୍ମମୟ ଜୀବନର ପ୍ରଥମ ପାଦରେ ୧୮୬୫ ମସିହାରେ ବାଲେଶ୍ୱର ଜିଲ୍ଲା ସ୍କୁଲର ତୃତୀୟ ଶିକ୍ଷକ ରୂପେ କାର୍ଯ୍ୟଗ୍ରହଣ କରି ଆଦର୍ଶ ଶିକ୍ଷକ ଭାବେ ନିଜକୁ ପରିଚିତ କରାଇ ପାରିଥିଲେ । ଶିକ୍ଷକତା ସମୟରେ ତତ୍‌କାଳୀନ ବାଲେଶ୍ୱର କଲେକ୍ଟର ଜନ୍ ବୀମ୍‌ସ ଏବଂ କଥା ସମ୍ରାଟ ଫକୀର ମୋହନଙ୍କ ସହିତ ସଂପର୍କ ସ୍ଥାପନ କରି ଓଡ଼ିଆ ଜାତିର ସାମୂହିକ ବିକାଶ ପାଇଁ ଅନେକ ଗଠନାତ୍ମକ କାର୍ଯ୍ୟ ଗ୍ରହଣ କରିଥିଲେ । ଆର୍ଥିକ ଅନଟନ ସହିତ ସାମ୍ନା କରୁଥିବା ମଧୁସୂଦନ ଶିକ୍ଷକତା ତ୍ୟାଗ କରି ବାଲେଶ୍ୱର ରେଜିଷ୍ଟ୍ରେସନ୍ ଅଫିସ୍‌ରେ କିରାଣୀ ପଦରେ ଯୋଗଦାନ କରିଥିଲେ । ଜୀବନସଂଗ୍ରାମ ଲମ୍ବା ରାସ୍ତାରେ ସେ ସାଜିଥିଲେ ଦୂରନ୍ତ ପଥିକ । ୧୮୬୬ ମସିହାରେ ସେ କଲିକତା ଯାତ୍ରା କରି ବେଥୁନ୍ କଲେଜ୍‌ରୁ ୧୮୬୮ ମସିହାରେ ଏଫ୍.ଏ, ୧୮୭୦ରେ ବି.ଏ. ଏବଂ ୧୮୭୩ରେ ଏମ୍.ଏ (ଇଂରାଜୀ) ଭାଷା ସାହିତ୍ୟରେ କୃତିତ୍ୱ ହାସଲ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରେସିଡେନ୍‌ସି କଲେଜ୍‌ରୁ ବି.ଏଲ୍. ଡିଗ୍ରୀ ଧାରଣ କରି ଅନେକ ଗଠନମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । କଲିକତା ଅବସ୍ଥାନ ସମୟରେ ଛାତ୍ରମାନଙ୍କର ସୁବିଧା ନିମିତ୍ତ ଇଂରାଜୀ ଭାଷାରେ 'ଆଦର୍ଶ ପ୍ରଶ୍ନ' ଶୀର୍ଷକ ପୁସ୍ତକଟିଏ ରଚନା କରି ୧୮୭୫ ମସିହାରେ ପ୍ରକାଶ କରିଥିଲେ । ୧୮୭୩ରୁ ୧୮୭୮ କଲିକତା ହାଇକୋର୍ଟରେ ଓଡ଼ିଆ ଅନୁବାଦକ ଭାବେ କାର୍ଯ୍ୟ କରିବା ପରେ ଖିଦିରପୁର ଗାର୍ଡନ ରିଚ୍ ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ପଦରେ ନିଯୁକ୍ତି ପାଇଥିଲେ । ନିରକ୍ଷର ଶ୍ରମିକମାନଙ୍କ ପିଲାଙ୍କ ପାଇଁ ନୈଶ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସମୟକ୍ରମେ ଖ୍ରୀଷ୍ଟଧର୍ମ ଅତି ଆକୃଷ୍ଟ ହେବା ଏବଂ ସୌଦାମିନୀ ନାମ୍ନୀ ବଙ୍ଗୀୟ ତରୁଣୀଙ୍କୁ ବିବାହ କରିବା ଘଟଣାରେ ପିତା ତାଙ୍କୁ ତ୍ୟାଜ୍ୟପୁତ୍ର କରିଥିଲେ । ତଥାପି ପରିବାରର ପରମ୍ପରାଗତ ଲକ୍ଷ୍ମଣରେଖାକୁ ପାର ହୋଇ ସେ ମଣିଷପଣିଆର ବାର୍ତ୍ତା ପ୍ରଚାର କରିଥିଲେ । ନିଜ ଭିଟାମାଟିର ମୋହକୁ ଏଡ଼ାଇ ନପାରି ୧୮୮୧ ମସିହାରେ ମଧୁବାବୁ ଓଡ଼ିଆ ପ୍ରତ୍ୟାବର୍ତ୍ତନ କରି କଟକରେ ଓକିଲାତି ଆରମ୍ଭ କରିଥିଲେ । ବୟସର ଅପରାହ୍ନରେ ଓଡ଼ିଶା ତାଙ୍କ ପାଇଁ ପାଳଟିଥିଲା କର୍ମଭୂମି । ଏହି ସମୟରେ ସେ 'ୟଙ୍ଗମେନ୍‌ସ୍ ଆସୋସିଏସନ୍' ଗଠନ କରି ଓଡ଼ିଆ ଯୁବକମାନଙ୍କୁ ଗୋଟିଏ ମଞ୍ଚରେ ସମବେତ କରାଇବାର ସଂକଳ୍ପ ନେଇଥିଲେ ।

ଦେଶ ମିଶ୍ରଣର ଉନ୍ମେଷ କାଳରେ ମଧୁବାବୁ ୟୁରୋପର ରାଜନୈତିକ ବ୍ୟବସ୍ଥା ସଂପର୍କରେ ବିଶେଷ ଅନୁଧ୍ୟାନ କରିଥିଲେ । ଜର୍ମାନୀ ଲୋକଙ୍କର 'ବୃହତ୍ ଜର୍ମାନୀ ଆନ୍ଦୋଳନ' ତାଙ୍କ ମନରେ ଗଭୀର ରେଖାପାତ କରିଥିଲା । ଜର୍ମାନୀର ବିସ୍‌ମାର୍କ, ଇଟାଲିର ଗାରିବାଲ୍‌ଡି ପ୍ରଭୃତିଙ୍କ ଦେଶପ୍ରେମ ତଥା ଉତ୍ସର୍ଗୀକୃତ ଜୀବନର କାହାଣୀ ତାଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା । ଓଡ଼ିଶାର ଅନ୍ୟତମ ମହାନ୍ ବିଭୂତି ପଣ୍ଡିତ ଗୋପବନ୍ଧୁ, କର୍ମବୀର ଗୌରୀଶଙ୍କର ଏବଂ କାଶୀନାଥ ଦାସଙ୍କ ସହ ମିଶି ୧୮୮୨ରେ 'ଉତ୍କଳ ସଭା' ଗଠନ କରି ଓଡ଼ିଶାର ସରହଦ, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଆନ୍ଦୋଳନର ପ୍ରଥମ ବୈପ୍ଳବିକ ସ୍ୱର ଉଠାଇ ଜମିର ମାଲିକାନା ସ୍ୱତ୍ୱକୁ ଫେରାଇ ଦେଇଥିଲେ ଗରିବ ଚାଷୀମାନଙ୍କୁ । ଏହି ଘଟଣାର ବିତର୍କରେ ସେ ହୁଏତ ସେଦିନ ବିବଦମାନ ବ୍ୟକ୍ତିର ସମାଲୋଚିତ ହୋଇଥିବେ, ତଥାପି ଜଣେ ସାହସୀ ତଥା ନିର୍ଭୀକ ବ୍ୟକ୍ତିର ପରିଚୟ ଦେଇ ଓଡ଼ିଶାର ସାଧାରଣ ମଣିଷ ପାଖରେ ଆପଣାର ହୋଇ ପାରିଥିଲେ ।

ପ୍ରଗତିର ବଡ଼ଦାଣ୍ଡରେ ଗୋଟିଏ ପରେ ଗୋଟିଏ ଶିଡ଼ି ଆରୋହଣ କରି ଚାଲିଥିଲେ ସେ । ୧୮୮୫ ମସିହାରେ ଜାତୀୟ କଂଗ୍ରେସ୍‌ରେ ଯୋଗଦାନ କରି ବିଭିନ୍ନ ସମୟରେ ଆୟୋଜିତ ନିଖିଳ ଭାରତ ଜାତୀୟ କଂଗ୍ରେସ୍‌କୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ । ଓଡ଼ିଶାର ଅର୍ଥନୈତିକ ସ୍ୱାତନ୍ତ୍ର୍ୟ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଦାବି କରି କଂଗ୍ରେସ ସରକାରର ଉପନିବେଶବାଦ ଶାସନ ପ୍ରତି କଠୋର ସମାଲୋଚନା କରିଥିଲେ । ଏହାଛଡ଼ା ୧୮୮୧ ସେପ୍‌ଟେମ୍ବର ୨୪ ତାରିଖ କଟକର ଭାରତୀୟ ଲିପି ଏକତ୍ରିକରଣ ସଂପର୍କିତ ଭାଷଣ ପ୍ରସଙ୍ଗ, ୧୮୮୨ରେ ଲର୍ଡ ରିପନ୍‌ଙ୍କ ସ୍ୱାୟତ୍ତଶାସନ ପ୍ରସ୍ତାବ ପ୍ରତି ଦୃଢ଼ ସମର୍ଥନ, ୧୮୮୬ରେ ବ୍ୟବସ୍ଥାପକ ସଭାର ସଂସ୍କାର ଦାବି ଆଦି ମଧୁବାବୁଙ୍କ ସୃଜନାତ୍ମକ ତଥା ଗଠନମୂଳକ ନୀତିର ଗୋଟିଏ ଗୋଟିଏ ପ୍ରମାଣପତ୍ର ।

ଏତଦ୍‌ଭିନ୍ନ ପୁରୀ ମନ୍ଦିର ସଂପର୍କିତ ମକଦ୍ଦମାରେ ପୁରୀ ରାଜାଙ୍କର ପାରମ୍ପରିକ ଅଧିକାର ସପକ୍ଷରେ ଯୁକ୍ତି ବାଢ଼ି ବ୍ରିଟିଶ୍ ସରକାରଙ୍କର ସେ ଦୃଷ୍ଟି ଆକର୍ଷଣ କରିଥିଲେ । ଫଳତଃ ତତ୍କାଳୀନ ସରକାର ରାଜମାତାଙ୍କ ସହ ସନ୍ଧି କରି ଆଂଶିକ ଅଧିକାର ପ୍ରଦାନ କରିଥିଲେ । କଟକ ଜିଲ୍ଲା ବୋର୍ଡର ଭାଇସ୍ ଚେୟାରମେନ୍ ଥିବା ସମୟରେ ଅର୍ଥାତ୍ ୧୮୮୭ ମସିହାରେ ପ୍ରାଥମିକ ଶିକ୍ଷାର ପ୍ରସାର ପାଇଁ ବିବିଧ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । 'ଓଡ଼ିଶା ଗ୍ରାଜୁଏଟ୍-ଅଣ୍ଡର ଗ୍ରାଜୁଏଟ୍' ସମିତି ଗଠନ କରି ଶିକ୍ଷିତ ତରୁଣ/ତରୁଣୀମାନଙ୍କ ହୃଦୟରେ ଦେଶପ୍ରୀତିର ଦ୍ୟୋତନା ଖେଳାଇଥିଲେ ।

ସାଂପ୍ରଦାୟକ ସଦ୍‌ଭାବ ନିମିତ୍ତ ହିନ୍ଦୁ-ମୁସଲମାନମାନଙ୍କୁ ନେଇ 'ଫଏଜ୍‌ଆମ' ସଭାର ଶୁଭାରମ୍ଭ କରିଥିଲେ । ଓଡ଼ିଶାର ସାଂସ୍କୃତିକ ପରମ୍ପରାକୁ ନବଜନ୍ମ ଦେବା ଉଦ୍ଦେଶ୍ୟରେ ନାଟ୍ୟଶାଳାର ବିକାଶ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରି ସଫଳକାମ ହୋଇଥିଲେ । ୧୮୯୨ ମସିହାରେ 'କୁଷ୍ଠାଶ୍ରମ' ପ୍ରତିଷ୍ଠା କରି କୁଷ୍ଠରୋଗୀଙ୍କ ପ୍ରାଣରେ ଅସ୍ତିତ୍ୱବାଦର ଚେତନା ଜାଗ୍ରତ କରାଇଥିଲେ । ୧୯୧୨ରୁ ୧୯୨୩ ମସିହା ପର୍ଯ୍ୟନ୍ତ ଦୁଇ ଦୁଇଥର ପାଇଁ ବିହାର ଓଡ଼ିଶା ମନ୍ତ୍ରୀ ସଭାର ସ୍ୱାୟତ୍ତଶାସନ ବିଭାଗରେ ରହି ଅନେକ ଜନକଲ୍ୟାଣ କାର୍ଯ୍ୟ କରିଥିଲେ । ମନ୍ତ୍ରୀପଦ ଅଳଙ୍କୃତ କରିବାର ସେ ଥିଲେ ଓଡ଼ିଶାର ପ୍ରଥମ ପୁଅ । ଜାତିର ଜନକ ମହାତ୍ମାଙ୍କ ଆଦର୍ଶରେ

ଓଡ଼ିଶାରେ ପ୍ଲାଟୋ ଷ୍ଟେଜରେ ଅଛି କରୋନା- ଡିଏମଇଟି ନିର୍ଦ୍ଦେଶକ

ଭୁବନେଶ୍ୱର,୨୭/୪ (ନି.ପ୍ର): ଓଡିଶାରେ କରୋନା ପ୍ଲାଟୋ ଷ୍ଟେଜରେ ଅଛି ବୋଲି କହିଛନ୍ତି ଡିଏମଇଟି ନିର୍ଦ୍ଦେଶକ ସିବିକେ ମହାନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୬ ହଜାରରୁ ଅଧିକ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୯ ଜଣଙ୍କର ମୃତ୍ୟୁ ହୋଇଛି ।ସେହିପରି ଗତ ୫ ଦିନ ହେବ ସଂକ୍ରମଣ ସଂଖ୍ୟା ପାଖାପାଖି ସମାନ ରହୁଛି । ତେଣୁ ଏବେ ସଂକ୍ରମଣ ପ୍ଲାଟୋ ଷ୍ଟେଜକୁ ଆସିଲାଣି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଏହା ରାଜ୍ୟବାସୀଙ୍କୁ କିଛି ମାତ୍ରାରେ ଆଶ୍ୱସ୍ତି କରିପାରେ । ପ୍ଲାଟୋ ଷ୍ଟେଜକୁ ଆସିବା ପରେ ସଂକ୍ରମଣ ପରିସଂଖ୍ୟାନ କମିପାରେ । କିନ୍ତୁ ଆଗକୁ କଣ ହେବ ତାହା ଏବେଠୁ ନିର୍ଦ୍ଦିଷ୍ଟ ଭାବେ କହିହେବ ନାହିଁ ବୋଲି ସେ କହିଛନ୍ତି । କିନ୍ତୁ ପଜିଟିଭ ସଂଖ୍ୟା ସ୍ଥିର କିମ୍ବା କମିପାରେ ବୋଲି ଆଶା କରାଯାଉଛି । ସେ କହିଛନ୍ତି ଯେ କରୋନା ସଂକ୍ରମଣ ଭିତରେ ଲୋକଙ୍କ ଭିତରେ ସନ୍ଦେହ ହେଉଛି ଯେ ରାଜ୍ୟରେ ଆଇସିୟୁ ବେଡ କମିଯାଉଛି । ଏପରିକି ଲକ୍ଷଣବିହୀନ ଲୋକ ହସ୍ପିଟାଲରେ ଆଡମିଟ୍ ହୋଇ ବେଡ ମାଡି ବସୁଛନ୍ତି । ଯାହାଦ୍ୱାରା ଜଣେ ଗୁରୁତର ରୋଗୀ ଆସିଲେ ମଧ୍ୟ ତାକୁ ବେଡ ମିଳିବାରେ ଅସୁବିଧା ଦେଖାଦେଇପାରେ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଏହାସତ୍ତ୍ୱେ ମଧ୍ୟ ରାଜ୍ୟରେ ଯଥେଷ୍ଟ ସଂଖ୍ୟାରେ ବେଡ ରହିଛି ଓ ଆଗକୁ ଯଦି ସଂକ୍ରମଣ ବଢେ ତେବେ ସେହି ଅନୁପାତରେ ଭେଂଟିଲେଟର ମଧ୍ୟ ବଢାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ହୋଲ୍ଡିଂ ଟ୍ୟାକ୍ସ ଓ ପ୍ରପର୍ଟି ଟ୍ୟାକ୍ସ ଆଇନ୍‌ସିଦ୍ଧ ନୁହେଁ : କଂଗ୍ରେସ

ଭୁବନେଶ୍ୱର,୨୭/୪ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଆଦାୟ କରାଯାଉଥିବା ବର୍ଦ୍ଧିତ ସଂପତି କର ଆଇନ୍‌ସିଦ୍ଧ ନୁହେଁ ବୋଲି ଓଡିଶା ଉଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି । ଏହି ବର୍ଦ୍ଧିତ କର ଓଡିଶା ମ୍ୟୁନିସିପାଲ୍ କର୍ପୋରେସନ ଆକ୍ଟ ୨୦୦୩ ର ନିୟମ ବିରୁଦ୍ଧାଚରଣ କରିବା ସହିତ ଧାରା ୬୯୪ (୩) କୁ ଭୁବନେଶ୍ୱର ମହାନଗର ନିଗମ ଜୋର ଜବରଦସ୍ତି ଲାଗୁ କରିପାରିବେ ନାହିଁ। ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ୍ ଦାଶଙ୍କ ପୌରହିତ୍ୟରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ଫଂଚାନନ କାନୁନ୍‌ଗୋ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଥିଲେ ଯେ କଂଗ୍ରେସ ଏହି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତୋଳନ କରିବା ସହିତ ଆନ୍ଦୋଳନ ମାଧ୍ୟମରେ ପ୍ରତିବାଦ ଜଣାଇଥିଲା । ତେଣୁ ଭୁବନେଶ୍ୱର ମହାନଗର ନିଗମ ଯେଉଁ ବର୍ଦ୍ଧିତ ସଂପତି କର ଜନସାଧାରଣଙ୍କ ଠାରୁ ଆଦାୟ କରିଛନ୍ତି ତାହା ଜନସାଧାରଣଙ୍କ ଶୀଘ୍ର ଫେରସ୍ତ କରାଯାଉ । ଭୁବନେଶ୍ୱର ମହାନଗର ନିଗମର କମିଶନର ଏବଂ ଡେପୁଟି କମିଶନର ବିଭିନ୍ନ ଗଣମାଧ୍ୟମରେ ସୂଚନା ଦେଇଥିଲେ ଯେ ଲୋକମାନେ ସ୍ୱତଃପ୍ରବୃତ ଭାବେ ଅନ୍‌ଲାଇନ୍ ମାଧ୍ୟମରେ ୨୨ କୋଟିରୁ ଅଧିକ ଟଙ୍କା ଆଦାୟ ହୋଇଛି ବୋଲି । ତେଣୁ ଏହାକୁ ଶୀଘ୍ର ଫେରସ୍ତ କରାଯାଉ । ଠିକ୍ ସେହିପରି ଭାବେ ଭୁବନେଶ୍ୱର ମହାନଗର ନିଗମ ଯେଉଁ ୟୁଜର୍ସ ଫି ଆଦାୟ କରୁଛି, ତାହା ମଧ୍ୟ ଆଇନ୍ ସମ୍ମତ ନୁହେଁ । ତେଣୁ କଂଗ୍ରେସ ଦଳ ଭୁବନେଶ୍ୱର ମହାନଗର ନିଗମର ଅଧିକାରୀବୃନ୍ଦଙ୍କୁ ଜଣାଇଦେବା ପାଇଁ ଚାହୁଁଚି ଯଥାଶୀଘ୍ର ଏହି ୟୁଜର୍ସ ଫି ଆଦାୟ ବନ୍ଦ କରନ୍ତୁ । ନଚେତ୍ କରୋନା କଟକଣା ହଟିଲା ପରେ ଜିଲ୍ଲା କଂଗ୍ରେସ ଏବଂ ରାଜ୍ୟ କଂଗ୍ରେସର ନେତୃବର୍ଗ ଏଥିପାଇଁ ଦୃଢ଼ ଭାବରେ ଆନ୍ଦୋଳନ କରିବେ । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ରାଜ୍ୟ କଂଗ୍ରେସ ଉପସଭାପତି ଶ୍ରୀ ଶିବାନନ୍ଦ ରାୟ, ରାଜ୍ୟ କଂଗ୍ରେସର ମୁଖପାତ୍ର ରଜନୀ କୁମାର ମହାନ୍ତି, ଭୁବନେଶ୍ୱର ବ୍ଲକ କଂଗ୍ରେସ ସଭାପତି ଅଶୋକ ଦାସ, ଜିଲ୍ଲା ଉପସଭାପତି ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ମିହିର ଆଚାର୍ଯ୍ୟ ଏବଂ ରାଜ୍ୟ କଂଗ୍ରେସ ମିଡିଆ ବିଭାଗର ମୁଖ୍ୟ ସଂଯୋଜକ ଦୀପକ ମହାପାତ୍ର ଉପସ୍ଥିତ ଥିଲେ ।

ଭୁବନେଶ୍ୱରରେ ଟେଷ୍ଟିଂ ଓ ହସ୍ପିଟାଲରେ ଶଯ୍ୟା ବୃଦ୍ଧି ଦାବି କଲା ବିଜେପି

ଭୁବନେଶ୍ୱର,୨୭/୪ (ନି.ପ୍ର): ଭୁବନେଶ୍ୱରରେ କୋଭିଡ୍ ଚିକିତ୍ସା ପାଇଁ ଶଯ୍ୟା, ମେଡିସିନ, ଅକ୍ସିଜେନ ଅଭାବ କାରଣରୁ ପରିସ୍ଥିତି ସଂକଟାପନ୍ନ ହୋଇପଡିଛି । କୋଭିଡ୍ କାରଣରୁ ସୃଷ୍ଟି ହୋଇଥିବା ସାଂପ୍ରତିକ ପରିସ୍ଥିତିରେ ରାଜଧାନୀବାସୀଙ୍କ ମୌଳିକ ସମସ୍ୟା ସଂପର୍କରେ ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ସୋମବାର ବିଏମସି କମିଶନରଙ୍କୁ ସାକ୍ଷାତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରିଛନ୍ତି । କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି ।

ଶ୍ରୀ ସିଂ କହିଛନ୍ତି ଯେ ପ୍ରତିଦିନ କୋଭିଡ୍ ସଂକ୍ରମଣ ଦ୍ରୁତ ଗତିରେ ବଢି ଚାଲିଥିବାବେଳେ କୋଭିଡ୍ ପରିଚାଳନାରେ ଅନେକ ତ୍ରୁଟି ଓ ଅବହେଳା ସ୍ପଷ୍ଟ ପରିଲକ୍ଷିତ ହେଉଛି । ପ୍ରଥମତଃ କୋଭିଡ୍ ଟେଷ୍ଟ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ପାଇଛି । ଦ୍ୱିତୀୟତଃ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବାବେଳେ ଚିକିତ୍ସା ପାଇଁ ଡାକ୍ତରଖାନାଗୁଡିକରେ ଶଯ୍ୟାର ଅଭାବ, ଔଷଧର ଅଭାବ ସହ ଅକ୍ସିଜେନର ଅଭାବ ମଧ୍ୟ ପରିଲକ୍ଷିତ ହେଉଛି । କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି । ଭୁବନେଶ୍ୱର ଏକ ଜନଗହଳିପୂର୍ଣ୍ଣ ଅଂଚଳ ହୋଇଥିବାରୁ ବିଭିନ୍ନ ଅଂଚଳକୁ ନିୟମିତ ଭାବେ ସାନିଟାଇଜ କରାଯାଉ । ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କୋଭିଡ୍ ରୋଗୀଙ୍କ ସଂପର୍କରେ ପରିବାର ସଦସ୍ୟଙ୍କୁ ନିୟମିତ ଭାବେ ସ୍ୱାସ୍ଥ୍ୟ ସଂପର୍କରେ ଅବଗତ କରାଯାଉ । ଏକ ୨୪ ଘଂଟିଆ ଟୋଲ ଫ୍ରି ନମ୍ବର କାର୍ଯ୍ୟକ୍ଷମ କରାଯାଉ । ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ 'ଡୋର ଟୁ ଡୋର' ସ୍ୱାସ୍ଥ୍ୟ ଯାଂଚ ତୁରନ୍ତ ଆରମ୍ଭ କରାଯାଉ । ସେହିପରି ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଭୁବନେଶ୍ୱରର ସମସ୍ତ ଅଂଚଳରେ ଥର୍ମାଲ ସ୍କ୍ରିନିଂ, ଅକ୍ସିଜେନ ମାତ୍ରା ଆଦି ଯାଂଚ କରିବା ସହ ସଚେତନତା ଅଭିଯାନକୁ ଆହୁରି ଅଧିକ ଦ୍ରୁତ ଗତିରେ କରିବାକୁ ଶ୍ରୀ ସିଂ ଦାବୀ କରିଛନ୍ତି । ଏହି ଟିମ୍ ରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୭ ଗିରଫ, ୧୫୦ ବାହନ ଜବତ

ଭୁବନେଶ୍ୱର,୨୭/୪ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୭ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୨୦୦ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୦,୪୪,୩୦୦/ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

କରୋନା ସମୟରେ ମଧ୍ୟବିତଙ୍କୁ ମହଙ୍ଗା ମାଡ଼ : ରାଷ୍ଟ୍ରୀୟ ମଧ୍ୟବିତ ପରିବାର ମହାସଂଘ

ଭୁବନେଶ୍ୱର,୨୭/୪ (ନି.ପ୍ର): ଦେଶବ୍ୟାପୀ ଦେଖାଦେଇଥିବା କରୋନା ତାଣ୍ଡବ ଓ ଭୟାବହତା ମଧ୍ୟରେ ନିଜର ଜୀବନ ଜୀବିକା ପାଇଁ ମୃତ୍ୟୁ ସହିତ ସଂଗ୍ରାମ କରୁଛି ମଣିଷ । ଏହିପରି ଏକ ବିପତି ସମୟରେ ଦୈନନ୍ଦିନ ନିତ୍ୟ ବ୍ୟବହୃତ ସାମଗ୍ରୀର ଅହେତୁକ ଦରବୃଦ୍ଧି ମଧ୍ୟବିତ ଶ୍ରେଣୀର ଲୋକଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ।

ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ମଧ୍ୟବିତ ପରିବାର ମହାସଂଘର ସଭାପତି ପ୍ରଦୀପ ମିଶ୍ର ଏକ ପ୍ରେସବିବୃତି ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଦେଶରେ କ୍ରମାଗତ ଭାବରେ ହେଉଥିବା ଲକ୍‌ଡାଉନ୍‌ର ପ୍ରଭାବରେ ଦେଶର ଅର୍ଥନୀତି ମାନ୍ଦା ହୋଇଥିବା ବେଳେ ବେରୋଜଗାରୀ ବୃଦ୍ଧି ପାଇବା ସହ ଲୋକଙ୍କ ଆୟ ହ୍ରାସ ପାଇଥିବା ସମୟରେ ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ତଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶ ଛୁଆଁ ଦରବୃଦ୍ଧି ମଧ୍ୟବିତ ବର୍ଗର ସାଧାରଣ ଖାଉଟିଙ୍କ ଉପରେ ଅର୍ଥନୈତିକ ଚାପ ସୃଷ୍ଟି କରିଛି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇଥିଲେ ସୁଦ୍ଧା ପେଟ୍ରୋଲ୍, ଡିଜେଲ୍ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି କମିବାର ନାଧରୁନାହିଁ । ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ୍ ଲିଟର ପିଛା ୯୧.୧ ଥିବାବେଳେ ଡିଜେଲ୍ ୮୭.୮୭ ଓ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୮୩୬.୨ ରହିଛି ଯାହା ସାଧାରଣ ମଧ୍ୟବିତ ପରିବାରର ଗ୍ରାହକଙ୍କ ଉପରେ ଆର୍ଥିକ ବୋଝ ବଢ଼ାଇ ଦେଇଛି । ସେହିପରି ଦୈନନ୍ଦିନ ଖାଉଟି ସାମଗ୍ରୀ ଡାଲି କିଲୋ ପିଛା ୧୨୦ ଟଙ୍କା ଖାଇବା ତେଲ ୧୭୦ ପହଂଚିଥିବା ବେଳେ ଅଟା କିଲୋ ପ୍ରତି ୪୦ ଟଙ୍କାରେ ପହଂଚିଲାଣି ଏଥିସହିତ ଅନ୍ୟାନ୍ୟ ଖାଉଟି ସାମଗ୍ରୀ ବି ଆକାଶଛୁଆଁ ହେଲାଣି । ଏହିସବୁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ଉପରେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣ ରହୁନାହିଁ ଯାହାର ଫଳସ୍ୱରୂପ ଅସାଧୁ ବ୍ୟବସାୟୀମାନେ କଳାବଜାରୀ ଆରମ୍ଭ କରିଛନ୍ତି । ମହାମାରୀ ସମୟରେ ଗତବର୍ଷ ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନେଇଥିବା ରାଜ୍ୟ ସରକାର ଦ୍ୱିତୀୟ ଲହର ସମୟରେ ଦରବୃଦ୍ଧି ଉପରେ ନିୟନ୍ତ୍ରଣ ନକରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହିଭଳି ଏକ ଜାତୀୟ ବିପତି ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରିବା ସହିତ କଳାବଜାରୀ କରୁଥିବା ଅସାଧୁ ବ୍ୟବସାୟୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଷ୍ଟ୍ରୀୟ ମଧ୍ୟବିତ ପରିବାର ମହାସଂଘ ପକ୍ଷରୁ ଏକ ସ୍ମାରକପତ୍ର ମାଧ୍ୟମରେ ସରକାରଙ୍କ ନିକଟରେ ଦାବି କରାଯାଇଛି ।

୧୮ ବର୍ଷରୁ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଓଡ଼ିଶାବାସୀଙ୍କୁ ମାଗଣା ଟିକା ଦେବା ନିଷ୍ପତ୍ତି ସ୍ୱାଗତ୍ୟଯୋଗ୍ୟ - ଡକ୍ଟର ରାମଚନ୍ଦ୍ର ଖୁଂଟିଆ

ଭୁବନେଶ୍ୱର,୨୭/୪ (ନି.ପ୍ର): ପୂର୍ବତନ ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା ଡକ୍ଟର ରାମଚନ୍ଦ୍ର ଖୁଂଟିଆ ବିଭିନ୍ନ ସ୍ତରରୁ ହୋଇଥିବା ବିଚାରକୁ ନେଇ କୋଭିଡ୍ ଟିକା ସମ୍ପୂର୍ଣ୍ଣ ମାଗଣା ଦେବା ପାଇଁ ଘୋଷଣା କରିଥିବାରୁ ରାଜ୍ୟ ସରକାର ନିଷ୍ପତି କରିଥିବାରୁ ଓଡ଼ିଶା ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ଝାରଖଣ୍ଡ ଓ ରାଜସ୍ଥାନ ରାଜ୍ୟ ସରକାର ମଧ୍ୟ ମାଗଣା ଟିକା ଦେବା ପାଇଁ ଅନୁରୂପ ନିଷ୍ପତି ନେଇଛନ୍ତି । ଦୀର୍ଘ ୧୫ ମାସ ଧରି କରୋନା ସଂକ୍ରମଣ ପରସ୍ଥିତିରେ କୋଟି କୋଟି ଶ୍ରମିକ ଓ ପ୍ରବାସୀ ଶ୍ରମିକ ରୋଜଗାର ହରାଇ ଦୁଃଖରେ କାଳତିପାତ କରୁଥିବାବେଳେ ଏବଂ କେନ୍ଦ୍ର ସରକାର ଭୂଲ ଅର୍ଥ ନୀତି ଫଳରେ ପେଟ୍ରୋଲ ଓ ଡ଼ିଜେଲ ଗ୍ୟାସଦର ବୃଦ୍ଧି ଓ ଅତ୍ୟାବଶ୍ୟକୀୟ ନିତ୍ୟ ବ୍ୟବହାର୍ଯ୍ୟ ଦର ବୃଦ୍ଧି ଲୋକଙ୍କ ପାଇଁ ଏକ ସଙ୍କଟମୟ ପରିସ୍ଥିତି ହୋଇଥିବାବେଳେ ସରକାରଙ୍କ ପାଇଁ ୬୦୦ ଟଙ୍କା ଓ ବେସରକାରୀ ଡାକ୍ତରଖାନା ପାଇଁ ୧୨୦୦ ଟଙ୍କା ମୂଲ୍ୟ ଧାର୍ଯ୍ୟ କରିବା ଦୁଃଖ ଓ ପରିତାପର ବିଷୟ । କେନ୍ଦ୍ର ସରକାର ସାର୍ବଜନିକ ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥା କରିଛନ୍ତି କହୁଥିବାବେଳେ କୋଭିଡ୍ ଟିକା ପାଇଁ ମୂଲ୍ୟ ଧାର୍ଯ୍ୟ କରିବା ଆଦୌ ଗ୍ରହଣୀୟ ନୁହେଁ । କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ସୋନିଆ ଗାନ୍ଧୀ ୧୮ ବର୍ଷରୁ ୪୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତିଙ୍କୁ ମାଗଣା ଟିକା ଦେବା ପାଇଁ ଦାବି କରିଥିଲେ । କେନ୍ଦ୍ର ସରକାର ଏଥିରେ ପଛଘୁଂଚା ଦେଲେ ମଧ୍ୟ ଓଡ଼ିଶା ରାଜ୍ୟ ସରକାର ଆଗଭର ହୋଇ ୧୮ ବର୍ଷ ରୁ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତଙ୍କୁ ମାଗଣାରେ ଟିକା ଦେବା ବୋଲି ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଡକ୍ଟର ଖୁଂଟିଆ ସ୍ୱାଗତ ଓ ଅଭିନନ୍ଦ ଜଣାଇଛନ୍ତି ।

ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୭/୪ (ନି.ପ୍ର): ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣୀ ପୁଣ୍ୟାତ୍ମା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୨୮ତମ ଜୟନ୍ତୀ ଉତ୍ସବ ବିଧାନସଭା ପରିସରରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଉପବାଚସ୍ପତି ରଜନୀକାନ୍ତ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟିକ ଲତିକା ପ୍ରଧାନ ପ୍ରମୁଖ ଯୋଗଦେଇ ଗଜପତି ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ବିଧାନସଭା ସଚିବ ଦାଶରଥୀ ଶତପଥୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ସ୍ଥଳେ ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

୨୦୨୧-୨୨ ବର୍ଷ ପାଇଁ ଜିଲ୍ଲା ଗଭର୍ଣ୍ଣର ନିର୍ବାଚିତ

ଭୁବନେଶ୍ୱର,୨୭/୪ (ନି.ପ୍ର): ଲାୟନ୍ସ କ୍ଲବ ଇଂଟରନ୍ୟାସନାଲ ଡିଷ୍ଟ୍ରିକ୍ଟ ୩୨୨ ସି-୨ର ଭର୍ଚୁଆଲ ମୋଡ଼ରେ ଅନୁଷ୍ଠିତ ଅଷ୍ଟମ ସାଧାରଣ ଅଧିବେଶନ ଅବସରରେ ଲାୟନ୍ ଇଂ ପୂର୍ଣ୍ଣଚନ୍ଦ୍ର ପାଢୀ ଜିଲ୍ଲା ଗଭର୍ଣ୍ଣର ରୂପେ ନିର୍ବାଚିତ ହୋଇଛନ୍ତି । ୧୯୯୭ ମସିହା ଠାରୁ ସେ ଏହି ଆନ୍ତର୍ଜାତିକ ସେବା ସଂସ୍ଥା ସହ ଜଡ଼ିତ ଅଛନ୍ତି । ବର୍ତମାନ ସେ ପ୍ରଥମ ଉପଜିଲ୍ଲା ଗଭର୍ଣ୍ଣର ରୂପେ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଏହା ପୂର୍ବରୁ ସେ ବିଭିନ୍ନ ପଦପଦବୀରେ ରହି ବେଶ୍ ଦକ୍ଷତାର ସହିତ କାର୍ଯ୍ୟ ନିର୍ବାହ କରିଛନ୍ତି । ଏହାବ୍ୟତୀତ ସେ ବିଭିନ୍ନ ସାମାଜିକ ଧାର୍ମିକ ଏବଂ ସେବାମୂଳକ ଅନୁଷ୍ଠାନ ସହିତ ସଂଶ୍ଳିଷ୍ଟ ଅଛନ୍ତି । ଆସନ୍ତା ବର୍ଷରେ ସ୍ୱାସ୍ଥ୍ୟସେବା, ପରିବେଶ ସୁରକ୍ଷା, ଶିକ୍ଷା, ପୋଷ୍ୟଗ୍ରାମ ଏବଂ ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଅବସରରେ ଲାୟନ ଇଂ ସୁରେଶ ଚନ୍ଦ୍ର ନାୟକ ଏବଂ ଆଇ.ଭି କୋଟେଶ୍ୱର ରାଓ ଯଥାକ୍ରମେ ପ୍ରଥମ ଉପଜିଲ୍ଲା ଗଭର୍ଣ୍ଣର ଏବଂ ଦ୍ୱିତୀୟ ଜିଲ୍ଲା ଗଭର୍ଣ୍ଣର ରୂପେ ନିର୍ବାଚିତ ହୋଇଛନ୍ତି ।

କୋଭିଡ୍ ପାଇଁ ବଦଳିଲା ବ୍ୟାଙ୍କ୍ ସେବା ସମୟ

ଦିନ ୧୦ଟାରୁ ୨ ଟା ଯାଏଁ ଗ୍ରାହକ ସେବା

ଭୁବନେଶ୍ୱର,୨୭/୪ (ନି.ପ୍ର): କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ଓଡ଼ିଶାର ବ୍ୟାଙ୍କଗୁଡ଼ିକର ସମୟ ପରିବର୍ତନ କରାଯାଇଛି । ଏଣିକି ବ୍ୟାଙ୍କଗୁଡ଼ିକରେ ଗ୍ରାହକ ସେବା ସମୟ ସକାଳ ୧୦ଟାରୁ ୨ ଟା ଏବଂ ବ୍ୟାଙ୍କିଙ୍ଗ୍ ସମୟ ୧୦ଟାରୁ ୪ଟା ଯାଏଁ ହେବ । ଏହି ନୂତନ ସମୟ ଏପ୍ରିଲ ୨୬ ତାରିଖରୁ ମଇ ୧୫ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ରାଜ୍ୟ ଅର୍ଥ ବିଭାଗ ସୋମବାର ଏ ସମ୍ପର୍କରେ ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସଏଲବିସି) କୁ ଚିଠି ଲେଖିଛି । ଅର୍ଥ ବିଭାଗର ଚିଠିରେ କୁହାଯାଇଛି ଯେ ପ୍ରଶାସନିକ କାର୍ଯ୍ୟାଳୟ ଏବଂ ବ୍ୟାଙ୍କର ଶାଖାଗୁଡ଼ିକ ରୋଟେସନ୍ ଭିତିରେ ୫୦ ପ୍ରତିଶତ କର୍ମଚାରୀ

ଓଡ଼ିଶାରେ ଶିଳ୍ପାୟନର ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ବହୁ ପ୍ରାଚୀନ କାଳରୁ ସୂକ୍ଷ୍ମ ଅଳଙ୍କାର ନିର୍ମାଣରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଶାରେ ଲୁପ୍ତପ୍ରାୟ ହୋଇ ଆସୁଥିବା ତାରକସୀ କାମର ଅଗ୍ରଗତି ନିମନ୍ତେ ମଧୁବାବୁଙ୍କ ଆପ୍ରାଣ ଉଦ୍ୟମ ବଳରେ କଟକରେ ପ୍ରଥମ ପାଇଁ ୧୮୯୭ ଖ୍ରୀଷ୍ଟାବ୍ଦରେ ସ୍ଥାପନ ହେଲା ଓଡ଼ିଶା ଅଳଙ୍କାର କାରଖାନା। ଓଡ଼ିଶାର ବିଭିନ୍ନ ଅଂଚଳର କୁଶଳୀ ଶିଳ୍ପୀ ମାନଙ୍କୁ ଆଣି ସେ ଉନ୍ନତ ମାନର ରୂପା ଓ ସୁନାର ତାରକସୀ ଅଳଙ୍କାର ପ୍ରସ୍ତୁତ କରୁଥିଲେ। ପ୍ରାୟ ଶହେ ଜଣ କାରିଗର ତାଙ୍କ କାରଖାନାରେ ସୂକ୍ଷ୍ମ ଶିଳ୍ପକଳା ସମ୍ପର୍କରେ ବିଶେଷ ତାଲିମ ଗ୍ରହଣ କରିବା ସହିତ ଅଳଙ୍କାର ଗଠନ କରୁଥିଲେ। ମଧୁବାବୁଙ୍କ ଅପୂର୍ବ ଉତ୍ସାହ ଓ ଅପରିସୀମ ଉଦ୍ୟମ ଫଳରେ ଏହି ପ୍ରାଚୀନ ଶିଳ୍ପ ପୁଣି ତାହାର ପୂର୍ବ ଗୌରବ ଫେରି ପାଇଥିଲା। ଯେଉଁ ସମୟରେ ଭାରତବର୍ଷରେ କୌଣସି ସ୍ଥାନରେ ଶିଳ୍ପ ବିକାଶ ସମ୍ପର୍କରେ ଚେତନା ଜାଗ୍ରତ ହୋଇ ନଥିଲା, ସେହି ପ୍ରତିକୂଳ ପରିବେଶ ଓ ପରିସ୍ଥିତିରେ ଓଡ଼ିଶା ପରି ଅନଗ୍ରସର ରାଜ୍ୟରେ ସେ ଶିଳ୍ପାୟନର ବୈପ୍ଳବିକ ଯୁଗ ପ୍ରବର୍ତ୍ତନ କରିଥିଲେ। ମଧୁବାବୁ ଯେଉଁଠାରେ ଓଡ଼ିଶା ଅଳଙ୍କାର କାରଖାନା ସ୍ଥାପନା କରିଥିଲେ ସେହିଠାରେ ଏକ ଶିଳ୍ପ ବିଦ୍ୟାଳୟ ମଧ୍ୟ ସଂଲଗ୍ନ ଥିଲା। ଅଖଣ୍ଡ ଉଦ୍ୟମ ବଳରେ ଏହି ଲୁପ୍ତପ୍ରାୟ ସୂକ୍ଷ୍ମ କଳାଟିର ପୁନରୁଦ୍ଧାର ହେବା ସଙ୍ଗେ ସଙ୍ଗେ ବହୁ ଲୋକଙ୍କର ଅନ୍ନ ସଂସ୍ଥାନର ବ୍ୟବସ୍ଥା ହୋଇପାରିବ ଏହି ଆଶା ତାଙ୍କର ଥିଲା। ବହୁପରିଚିତ ମଧୁବାବୁଙ୍କ ଜୋତା କାରଖାନା ଉଛଳ ଟ୍ୟାନେରୀ ସ୍ଥାପନ ହେଲା ୧୯୦୫ ମସିହାରେ। ବ୍ରିଟେନର ଏକ ଜୋତା କାରଖାନାକୁ ଦେଖିବା ପରେ ଓଡ଼ିଶାରେ ଉଛଳ ଟ୍ୟାନେରୀ ପରି ଏକ ଜୋତା କାରଖାନା ଖୋଲି ଓଡ଼ିଶାର ଆର୍ଥିକ ମେରୁଦଣ୍ଡକୁ ସବଳ କରିବାକୁ ଆଗେଇ ଆସିଲେ ମଧୁବାବୁ। ଏହି ଜୋତା କାରଖାନାରେ ଜୋତା ତିଆରି ସହିତ ମଧୁବାବୁ ଉତ୍ପାଦନର ମାନ ପ୍ରତି ଅଧିକ ଗୁରୁତ୍ୱ ଦେଉଥିଲେ। ଓଡ଼ିଆ ଜାତିର ସ୍ୱାଭିମାନ ହିଁ ଥିଲା ତାଙ୍କ ଶିଳ୍ପାୟନର ପ୍ରତିଶ୍ରୁତି ବଦ୍ଧତା। ଉଛଳ ଟ୍ୟାନେରୀ ଥିଲା ଓଡ଼ିଶାର ପ୍ରଥମ ଜଏନ୍ଟ ଷ୍ଟକ କମ୍ପାନୀ। ଟ୍ୟାନେରୀରେ ନିର୍ମିତ ହେଉଥିବା ଗୋଧି ଚମଡ଼ାରେ ତିଆରି ନରମ ଜୋତାର ଚାହିଁଦା ୟୁରୋପରେ ଅଧିକ ଥିଲା। ୧୯୦୯ ମସିହାରେ ଭାରତୀୟ ସୈନ୍ୟବାହିନୀ ପାଇଁ ଉଛଳ ଟ୍ୟାନେରୀରୁ ଜୋତା କିଣାଯିବା ଓଡ଼ିଶା ତଥା ଓଡ଼ିଶାର ଶିଳ୍ପାୟନ ଜଗତ ପାଇଁ ଥିଲା ଏକ ଗୌରବର ବିଷୟ। ଉତ୍ପାଦନର ମାନ ପ୍ରତି ମଧୁବାବୁ ଏତେ ସ୍ପର୍ଶକାତର ଥିଲେ ଯେ ସାମାନ୍ୟ ତ୍ରୁଟି ଦେଖିଲେ ସବୁ ଜୋତା ପୋଡ଼ି ଦେଉଥିଲେ। ଗୋଟିଏ ପଟେ ଜୋତା ଖରାପ ପଡ଼ିଲେ ସମ୍ପୂର୍ଣ୍ଣ ଲଟକୁ ପୋଡ଼ିଦେବା ଅନ୍ୟପଟେ ପୁଞ୍ଜିବଜାରର ମାନ୍ଦାବସ୍ଥା ଏସବୁ ମଧୁବାବୁଙ୍କୁ ମହଙ୍ଗା ପଡୁଥିଲା। ଶେଷରେ ୧୯୨୭ ମସିହାରେ ମଧୁବାବୁଙ୍କ ସ୍ୱପ୍ନର ଉଛଳ ଟ୍ୟାନେରୀ ନିଲାମ ହୋଇଗଲା, ଯଦିଓ ଏହାର ବଜାର ଚାହିଁଦା ବେଶ୍ ଉଜ୍ଜ୍ୱଳ ଥିଲା ମାତ୍ର ଆର୍ଥିକ କ୍ଷତି ହିଁ ପ୍ରତିବନ୍ଧକ ସାଜିଲା। ଜାତୀୟତା ଦୀକ୍ଷାରେ ଅଭିମନ୍ତ୍ରିତ ଉଛଳ ଟ୍ୟାନେରୀ ବ୍ୟାବସାୟିକ ସଫଳତା ଦିଗରେ ବିଶେଷ ଧ୍ୟାନ ଦେଇନଥିଲା। ଉଛଳ ଟ୍ୟାନେରୀର ଅନ୍ତ ଘଟିଲା ସତ ମାତ୍ର ଦୀର୍ଘ ବାଇଶି ବର୍ଷର ଉଛଳର ଏକ ଶିଳ୍ପ ଇତିହାସ ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ଏକ ମାଇଲଖୁଂଟ, ଏହା ସ୍ୱୀକାର୍ଯ୍ୟ।୧୮୯୭ ମସିହାରେ ବିଲାତ ଗସ୍ତରେ ଯାଇଥିବା ବେଳେ ମଧୁବାବୁ ଓଡ଼ିଶାର ପ୍ରାଚୀନ ଓ ଆଧୁନିକ ଶିଳ୍ପର ଉତ୍କର୍ଷ ପ୍ରଚାର ପାଇଁ ସେଠାରେ ଏକ ଶିଳ୍ପ ପ୍ରଦର୍ଶନୀ କରିଥିଲେ। ଯେଉଁଥିରେ ଓଡ଼ିଶାର ତାରକସୀ କାମ, ହାତୀ ଦାନ୍ତ ଓ ଶିଙ୍ଗର କାମ, ହାତକଟା ସୂତାର ସୂକ୍ଷ୍ମ ବସ୍ତ୍ର ପ୍ରଭୃତି ପ୍ରଦର୍ଶିତ ହୋଇଥିଲା। ପ୍ରାଚୀନ କୀର୍ତ୍ତିରାଜିର ପ୍ରତୀକ କୋଣାର୍କ ଓ ଭୁବନେଶ୍ୱର ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟର ଅନୁକୃତି ମଧ୍ୟ ପ୍ରଦର୍ଶନୀର ଆକର୍ଷଣୀୟ ବସ୍ତୁ ଥିଲା। ଓଡ଼ିଶାର ବଣିଆ ମାନେ କିପରି ଉପାୟରେ ତାରର ସୂକ୍ଷ୍ମତା ନିର୍ଣ୍ଣୟ କରୁଥିଲେ ତାହା ମଧ୍ୟ ସେ ନିଜେ ବୁଝାଇଥିଲେ। ଅତି ବିଚିତ୍ର ଥିବା ଶିଳ୍ପନୈପୁଣ୍ୟ ଥିବା ଆମ ଦେଶରେ ବାଇ ଚଢେଇ ବସା ତିଆରିରେ ବୁଣାର କୌଶଳ ଲକ୍ଷ୍ୟ କରି ଏହି ବସା ଅନୁକରଣରେ ମୁଣି ତିଆରି କଲେ ଲୋକଙ୍କର ଆଦର ଲାଭ କରିବା ଆଶା ରଖି ମଧୁବାବୁ ଏଥିରୁ କେତୋଟି ନେଇ ବିଲାତରେ କାରିଗର ମାନଙ୍କୁ ଦେଖାଇଥିଲେ। କେବଳ ସେତିକି ନୁହେଁ ୧୯୦୨ ମସିହାରେ ବଙ୍ଗର ଲାଟ କଟକ ଆସିଥିବା ସମୟରେ ମଧୁବାବୁ ତାଙ୍କୁ ନିମନ୍ତ୍ରଣ କରି ନିଜର ଓଡ଼ିଶା ଆର୍ଟଓୟାର କାରଖାନା ପ୍ରଦର୍ଶନ କରାଇବା ସହ ତାଳପତ୍ରରେ ମାନପତ୍ର ପ୍ରଦାନ କରି ଓଡ଼ିଶୀ କଳା ନୈପୁଣ୍ୟତାର ପରିଚୟ ଦେଇଥିଲେ। କଟକ ଜିଲ୍ଲାର ସାଲେପୁରରେ କାରିଗର ମାନଙ୍କୁ ସଂଗଠିତ କରି ତାଳଗୁଡ଼ ସଂସ୍ଥା ପ୍ରତିଷ୍ଠା କରିବା ସହ ନିଜ ବାସଭବନରେ ସ୍ଥାପିତ ଓଡ଼ିଶା ଶିଳ୍ପାଗାର ଓ ଓଡ଼ିଶା ଆର୍ଟଓୟାର ଲୁଗାବୁଣା ବ୍ୟବସ୍ଥା କରିଥିଲେ। ଏଥି ନିମନ୍ତେ ତନ୍ତଯନ୍ତ୍ର ଅଣାଇଥିଲେ।

ସଂକ୍ଷେପରେ କହିବାକୁ ଗଲେ ମଧୁବାବୁ ଜଣେ ସ୍ୱପ୍ନଦ୍ରଷ୍ଟା। ଆର୍ଥିକ ସ୍ତରରେ ମଜବୁତ ନଥିବା ଓଡ଼ିଆ ଜାତିକୁ ଛିଡ଼ା କରାଇବା ଲାଗି ଥିବା ତାଙ୍କର ପ୍ରୟାସ ଅତୁଳନୀୟ, ଅବର୍ଣ୍ଣନୀୟ। ଓଡ଼ିଶାର ବିଭିନ୍ନ ସମସ୍ୟା ପାଇଁ ସର୍ବଦା ଚିନ୍ତିତ ଥିବା ମଧୁବାବୁ ସ୍ୱପ୍ନ ଦେଖିଥିଲେ ଓଡ଼ିଶାର ସ୍ୱାଭିମାନ ପ୍ରତିଷ୍ଠା ପାଇଁ। ଶିଳ୍ପାୟନ ହିଁ ଗୋଟିଏ ଜାତିର ବିକାଶର ମୂଳମନ୍ତ୍ର। ଏହି ବିକାଶର ମୂଳମନ୍ତ୍ରରେ ସ୍ୱପ୍ନକୁ ବାସ୍ତବ ରପ ଦେଉ ଦେଉ କେବେ କିଛିକାଂଶରେ ସଫଳ ହୋଇଛନ୍ତି ତ କେବେ ସ୍ୱାଭିମାନ ରକ୍ଷା ପ୍ରୟାସ କରି ଦେବାଳିଆ ହୋଇଛନ୍ତି। ବିଫଳ ହେଲେ ବି ସେ ଓଡ଼ିଆ ଜାତିର ଆଗାମୀ ପିଢିକୁ ଦେଖାଇ ଯାଇଛନ୍ତି ଶିଳ୍ପାୟନର ନୂତନ ଝଲକ। ସେଇଥି ପାଇଁ ତ ସେ ଓଡ଼ିଶାରେ ଶିଳ୍ପାୟନର ଜନକ।

ଯୋଗାଯୋଗ - ୮୦୯୩୨୯୮୭୨୪

୧ ଦିନରେ ୩ ମୃତ୍ୟୁ

ଖଇରା,୨୭/୦୪ (ନି.ପ୍ର): ଖଇରା ଥାନାର ବିଭିନ୍ନ ଅଂଚଳର ୧ ଦିନରେ ୩ଜଣଙ୍କର ମୃତ୍ୟୁ ଘଟିଛି ।ରଟିଣା ହରିପୁର ଗ୍ରାମର ପୂର୍ବତନ ବ୍ୟାଙ୍କ କର୍ମଚାରୀ ଯୁଧୀଷ୍ଠୀର ଜେନା (୬୫) ଘରେ ଅସୁସ୍ଥ ହେବାରୁ ମେଡିକାଲ ଆଣୁଥିବା ରାସ୍ତାରେ ମୃତ୍ୟୁବରଣ କରିଥିଲେ । ସେ ଭାରତୀୟ ସେନାରୁ ସେବା ନିବୃତ ହେବା ପରେ, କୁପାରୀ ଷ୍ଟେଟବ୍ୟାଙ୍କରେ କିରାଣୀ ଭାବେ ନିଯୁକ୍ତି ପାଇ ଅବସର ଗ୍ରହଣ କରିଥିଲେ । ସେ କୁପାରୀ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରୁ ଥିଲେ । ତାଙ୍କ ମୃତ୍ୟୁରେ କର୍ମଚାରୀ ସଙ୍ଘର ଶରତ ଚନ୍ଦ୍ର ବିଶ୍ୱାଳ, ରାଧାଶ୍ୟାମ ପଣ୍ଡା, ଭଗବାନ ସାହୁ ଶୋକ ପ୍ରକାଶ କରିଛନ୍ତି । ତାଙ୍କର ବିଧବା ପତ୍ନୀ ସହିତ୧ପୁଅ ୩ଝିଅ ଅଛନ୍ତି । ସେହିପରି ଅଗାପଦା ଗ୍ରାମର ଦେବେନ୍ଦ୍ର ସାହୁ (୬୫)ଦିଲୀରେ ଘରୋଇ କମ୍ପାନୀରେ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ । ଗତ କାଲି ଦେହ ଅସୁସ୍ଥ ଥିବାରୁ ଟ୍ରେନ ଯୋଗେ ଘରକୁ ଫେରୁଥିଲେ । ଆଗ୍ରା ଷ୍ଟେସନ ପୂର୍ବରୁ ଦେହ ଖରାପ ହେବାରୁ ତାଙ୍କୁ ମେଡିକାଲ ନେଇ ଯାଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପରିବାର ଲୋକ ଖବର ପାଇ ପାଖରେ ପହଁଚି ଶବ ବ୍ୟବଚ୍ଛେଦ ପରେ ଶବଦାହ କରିଥିଲେ । ତାଙ୍କର ବିଧବା ପତ୍ନୀ ସହିତ ୪ପୁଅ ୨ଝିଅ ଅଛନ୍ତି । ତାଙ୍କର ଅକାଳ ମୃତ୍ୟୁରେ ସମ୍ପୃକ୍ତ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସେହିପରି ମହତିପୁର ଗ୍ରାମର ପର୍ଶୁରାମ ନାୟକ(୪୫) ମୁମ୍ବାଇରେ କାମ କରୁଥିଲା ବେଳେ ଅସୁସ୍ଥ ହେବାରୁ ଘରକୁ ଅସିଥିଲେ । ପରେ ଦେହ ଖରାପ ହେବାରୁ କଟକରେ ଚିକିତ୍ସିତ ହେଉଥିଲେ ଆଜି ତାଙ୍କର ମୃତ୍ୟୁ ଘଟିଛି । ତାଙ୍କର ବିଧବା ପତ୍ନୀ ସହିତ ୧ପୁଅ ୧ ଝିଅ ଅଛନ୍ତି । ତାଙ୍କର ଅକାଳ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ କୋଟି ଟଙ୍କା ଦାନ କଲା ଏମଜିଏମ୍ ମିନେରାଲସ୍

ଭୁବନେଶ୍ୱର,୨୭/୦୪ (ନି.ପ୍ର): ଏମଜିଏମ୍ ମିନେରାଲସ୍ ଲିମିଟେଡ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ କୋଟି ଟଙ୍କା ଦାନ କରିଛି। ମଙ୍ଗଳବାର ଦିନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟ ଲୋକସେବା ଭବନ ଠାରେ କମ୍ପାନୀର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପଙ୍କଜଲୋଚନ ମହାନ୍ତିଙ୍କ ଠାରୁ ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି। ଚେକ୍ ପ୍ରଦାନ ସମୟରେ ଶ୍ରୀ ମହାନ୍ତି କହିଥିଲେ ଯେ ରାଜ୍ୟ ସରକାରଙ୍କ ସମୟୋପଯୋଗୀ ଓ ସକ୍ରିୟ କୋଭିଡ୍ ପରିଚାଳନା ଯୋଗୁଁ ଓଡିଶାରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଜନସାଧାରଣଙ୍କ ସହଯୋଗରେ ଏହା ପୂର୍ଣ୍ଣ ସଫଳ ହେବ। ଏହି ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବ କମ୍ପାନୀ କତୃପକ୍ଷଙ୍କୁ ସାଧୁବାଦ ଜଣାଇବା ସହ ନିଜ ଶିକ୍ଷାନୁଷ୍ଠାନ ତଥା ବ୍ୟକ୍ତିଗତ ସ୍ତରରେ କରୋନା ନିୟମର ଅନୁପାଳନ ଓ ସଚେତନତା କାର୍ଯ୍ୟ ଚଳାଇ ରଖିବାକୁ ଅନୁରୋଧ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ମୁଖ୍ୟମନ୍ତ୍ରୀଙ୍କ କରୋନା....

ଏହାକୁ ଦୃଷ୍ଟିରେ ରଖି ପରିସ୍ଥିତିର ମୁକାବିଲା ପାଇଁ ଆମକୁ ସତର୍କ ରହିବାକୁ ହେବ। ସଂକ୍ରମଣ ସଂଖ୍ୟା ବୃଦ୍ଧି ସତ୍ତ୍ୱେ ଆମେ ନିରନ୍ତର ଭାବେ ସେବା କରିଚାଲିଛୁ । କିନ୍ତୁ କେତେକ ଜିଲ୍ଲାରେ ସଂକ୍ରମଣର ସ୍ଥିତି ଆମ ପାଇଁ ଉଦ୍‌ବେଗ ସୃଷ୍ଟି କରିଛି। ଭାଇରସ୍‌ର ଡବଲ ଓ ଟ୍ରିପଲ ମ୍ୟୁଟାଂଟ ଦ୍ରୁତ ଗତିରେ ବ୍ୟାପୁଛି ଏବଂ ଏହି ଦ୍ୱିତୀୟ ଲହରରେ ଆମର ଯୁବଗୋଷ୍ଠୀ ବିଶେଷ ଭାବରେ ସଂକ୍ରମିତ ହେଉଛନ୍ତି । କେତେକ କ୍ଷେତ୍ରରେ ସେମାନଙ୍କ ସ୍ୱାସ୍ଥ୍ୟ ଜଟିଳତା ଦେଖା ଦେଉଛି ବୋଲି ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ । ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମୟରେ ଆମେ ଯେଉଁ ନୀତି ଅବଲମ୍ବନ କରିଆସିଛେ, ସେହିପରି କୋଭିଡର ମୁକାବିଲାରେ ସବୁଠାରୁ ଖରାପ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଆମ ପ୍ରସ୍ତୁତ ରହିବା ଦରକାର। ଏହି ପରିପ୍ରେକ୍ଷୀରେ ତୃଣମୂଳ ସ୍ତରରେ ପରିସ୍ଥିତିର ଆକଳନ କରି ତ୍ରୁଟିଶୂନ୍ୟ ଯୋଜନା ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ଓ ଏସ୍.ପି ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପର୍ଯ୍ୟବେକ୍ଷକ ମାନେ ଏଥିପ୍ରତି ଯତ୍ନବାନ ହେବେ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏସବୁ ବିଷୟ ନିୟମିତ ସମୀକ୍ଷା କରି ପରବର୍ତ୍ତୀ ବୈଠକରେ ତାଙ୍କୁ ଅବଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବଙ୍କୁ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ କୋଭିଡ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ପାଇଁ ସମସ୍ତ ଆବାସିକ ସଂଘ, ବଣିକ ସଂଘ ଏବଂ ଅନ୍ୟାନ୍ୟ ଗୋଷ୍ଠୀଭିତିକ ସଂଗଠନ ମାନଙ୍କ ସହିତ ସହଭାଗିତା ଭିତିରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏ ବିପତି ସମୟରେ ନିଷ୍ଠାର ସହ ସେବା ଯୋଗାଉ ଥିବା ସମ୍ମୁଖ କରୋନା ଯୋଦ୍ଧାମାନଙ୍କର ଯତ୍ନ ନିଆଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ସବୁବେଳେ ଠିକ୍ ଭାବରେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଓ ହାତ ଧୋଇବା ଆଦି କୋଭିଡ ନିୟମାବଳୀର ସଠିକ୍ ଅନୁପାଳନ ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ ଯେ କୋଭିଡ କେୟାର ସେଂଟର ଗୁଡିକୁ କ୍ରିୟାଶୀଳ କରାଯିବା ସହିତ ସମସ୍ତ କୋଭିଡ ହସ୍‌ପିଟାଲ ଗୁଡିକୁ କାର୍ଯ୍ୟକ୍ଷମ କରାଯାଇଛି। ମେଡିକାଲ କଲେଜ ଗୁଡିକରେ ଶଯ୍ୟା ସଂଖ୍ୟା ବୃଦ୍ଧି ସହିତ ନୂଆ ବେସରକାରୀ ହସ୍‌ପିଟାଲ ଗୁଡିକୁ କୋଭିଡ ହସ୍‌ପିଟାଲରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ୩୦ ପ୍ରତିଶତ ଶଯ୍ୟାରେ ଅକ୍‌ସିଜେନ ବ୍ୟବସ୍ଥା କରାଯାଇଛି ଏବଂ ଏହାକୁ ୩୫ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯାଉଛି । ପଡୋଶୀ ରାଜ୍ୟ ଗୁଡିକରେ ଅଧିକ କୋଭିଡ ସଂଖ୍ୟା ଥିବାରୁ ସେ ସବୁ ରାଜ୍ୟରୁ ଲୋକଙ୍କ ଚଳାଚଳ ଉପରେ ତୀକ୍ଷଣ ନଜର ରଖାଯାଇଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର କହିଥିଲେ ଯେ ବର୍ତମାନ ରାଜ୍ୟରେ ୫୦,୯୫୮ ଆକ୍ଟିଭ୍ କେସ୍ ରହିଛି ଏବଂ ୭ଟି ଜିଲ୍ଲାରେ ୬୦ ପ୍ରତିଶତ ଆକ୍ଟିଭ୍ କେସ୍ ରହିଛି । ରାଜ୍ୟରେ ସମୁଦାୟ ୩୧,୪୭୧ଟି ବେଡ୍ ରହିଛି ଏବଂ ଆଇସିୟୁ ବେଡ୍ ବ୍ୟତୀତ ୧୭,୪୯୫ଟି ବେଡ୍ ରେ ଅକ୍‌ସିଜେନର ବ୍ୟବସ୍ଥା କରାଯାଇଛି। ଉଭୟ ସରକାରୀ ଓ ବେସରକରୀ କୋଭିଡ ହସ୍‌ପିଟାଲ ଗୁଡିକରେ ଶଯ୍ୟା ସଂଖ୍ୟା ବୃଦ୍ଧି ସହିତ ଅଧିକ ସଂଖ୍ୟକ ଶଯ୍ୟାରେ ଅକ୍‌ସିଜନ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନିଆଯାଉଛି । ରାଜ୍ୟରେ ବର୍ତମାନ ଦୈନିକ ୪୨.୧୦ ମେଟ୍ରିକ ଟନ୍ ଅକ୍‌ସିଜେନ ବ୍ୟବହାର କରାଯାଉଛି । ରେମେଡସିଭର ଓ ଫାଭିଫ୍ଲୁ ଆଦି ସମସ୍ତ ଜରୁରୀ ଔଷଧ ଯଥେଷ୍ଟ ଭାବରେ ଉପଲବ୍ଧ ରହିଛି ବୋଲି ସେ କହିଥିଲେ । ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ କହିଥିଲେ ଯେ ଆଜି ସୁଦ୍ଧା ୮ଟି ରାଜ୍ୟକୁ ୯୦ଟି ଟ୍ୟାଙ୍କର ଜରିଆରେ ୧୬୭୫.୮୧ ଟନ୍ ଅକ୍‌ସିଜେନ ପଠାଯାଇଛି । ବିଭିନ୍ନ କୋଭିଡ ଚିକିତ୍ସାଳୟରେ ଅଗ୍ନି ନିୟନ୍ତ୍ରଣ ସଂପର୍କରେ ନିଆଯାଉଥିବା ପଦକ୍ଷେପ ଉପରେ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୂଚନା ଦେଇଥିଲେ । ବୈଠକରେ ସୁନ୍ଦରଗଡ, ଝାରସୁଗୁଡା, ବାଲେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳ ମାନେ ଜିଲ୍ଲାର କୋଭିଡ ପରିସ୍ଥିତି ଓ ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକକୁ ସଂଯୋଜନା କରିଥିଲେ ।ବୈଠକରେ ଉନ୍ନୟନ କମିଶନର ପି.କେ ଜେନା, ପଂଚାୟତିରାଜ ବିଭାଗର ପ୍ରମୁଖ ସଚିବ ଡି.କେ. ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଆଉ ନାହାନ୍ତି ଓଡିଆ ସାହିତ୍ୟର....

ମହାବିଦ୍ୟାଳୟରୁ ଇଂରାଜୀ ସ୍ନାତକୋତ୍ତର ଅଧ୍ୟୟନ ପରେ ୧୯୫୯ ମସିହାରେ ଖ୍ରୀଷ୍ଟ ମହବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ମନୋଜ ଦାସଙ୍କ ଗଳ୍ପ ସଙ୍କଳନ ଗୁଡ଼ିକ ହେଲା- ମନୋଜ ଦାସଙ୍କ ଗଳ୍ପ, ଅବୋଲକରା କାହାଣୀ, ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ, ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ, ମନୋଜ ପଞ୍ଚବିଂଶତି, ଧୂମ୍ରାଭ ଦିଗନ୍ତ ଓ ଅନ୍ୟ କାହାଣୀ, ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ, ଲକ୍ଷ୍ମୀର ଅଭିସାର, ମନୋଜ ଦାସଙ୍କ କଥା ଓ କାହାଣୀ, ଶେଷ ବସନ୍ତର ଚିଠି, ଆରଣ୍ୟକ, ବିଷକନ୍ୟାର କାହାଣୀ, ଜୀବନର ସ୍ୱାଦ, ସମୁଦ୍ରର କ୍ଷୁଧା ପ୍ରମୁଖ ରହିଛି। ମନୋଜ ଦାସଙ୍କ ଉପନ୍ୟାସ ଗୁଡ଼ିକ ହେଲା- ତନ୍ଦ୍ରାଲୋକର ପ୍ରହରୀ, ଆକାଶର ଇସାରା, ଅମୃତ ଫଳ, ଗୋଧୂଳିର ବାଘ, ପ୍ରଭଞ୍ଜନ ଓ ବୁଲଡୋଜର୍ସ ପ୍ରମୁଖ ରହିଛି। ଇଂରାଜୀ ରଚନାବଳୀ ଗୁଡ଼ିକ ହେଲା- ଚେଜିଙ୍ଗ ଦି ରେନବୋ: ଗ୍ରୋଇଙ୍ଗ ଅପ ଇନ ଆନ ଇଣ୍ଡିଆନ ଭିଲେଜ, ଲେଜେଣ୍ଡ ଅଫ ଦି ଗୋଲଡ୍ଟେନ ଭ୍ୟାଲି, ଦି ସବମର୍ଜଡ ଭ୍ୟାଲି ଆଣ୍ଡ ଅଦର ଷ୍ଟୋରିଜ, ଫେଆରବେଲ ଟୁ ଅ ଘୋଷ୍ଟ: ସର୍ଟ ଷ୍ଟୋରିଜ ଆଣ୍ଡ ଅ ନଭେଲେଟେ, ଦି କ୍ରୋକୋଡାଇଲ ଲେଡି: ଏ କଲେକସନ ଅଫ ଷ୍ଟୋରିଜ, ଏ ଟାଇଗର ଆଟ ଟୁଇଲାଇଟ ପ୍ରମୁଖ ରହିଛି। ମନୋଜ ଦାସଙ୍କ ବିୟୋଗରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍?, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ ରିଛନ୍ତି।

ରାଜ୍ୟରେ ୧୮ରୁ ୪୪ ବର୍ଷ ବୟସ୍କଙ୍କୁ ....

ଏହି ଆଶା-ଆଶଙ୍କା ଭିତରେ ଓଡ଼ିଶାରେ ଯେ

ବାଲେଶ୍ୱର, ବୁଧବାର, ୨୮ ଅପ୍ରେଲ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ସମାଜସେବୀ ପ୍ରତାପ ସାହୁ କରୋନା ସେବା ଯୋଗାଇଲେ

ଭୁବନେଶ୍ୱର,୨୭/୦୪ (ନି.ପ୍ର): ବର୍ତମାନ ସାରା ରାଜ୍ୟରେ କରୋନାର ଦ୍ୱିତୀୟ ଲହରୀ ତାର କାୟାବିସ୍ତାର କରିଚାଲିଛି। ଗତ ୨୦୨୦ ମସିହା ଫେବୃୟାରୀ ମାସରେ ଦେଖା ଦେଇଥିବା କରୋନା ପ୍ରଥମ ଲହରୀର ଭୟ ଲୋକଙ୍କ ମନରୁ ଲିଭିନଥିବା ବେଳେ କରୋନାର ଦ୍ୱିତୀୟ ଲହରୀରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା କ୍ଷିପ୍ରଗତିରେ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାରଙ୍କ ସମସ୍ତ କଟକଣା ସତ୍ତ୍ୱେ କରୋନା ଦିନକୁ ଦିନ ଭୟଙ୍କର ରୂପ ଧାରଣ କରୁଛି ଯାହା ସାଧାରଣ ଜନତାଙ୍କୁ ଚିନ୍ତାରେ ପକାଇ ଦେଇଛି। ଓଡ଼ିଶାରେ ଦୈନିକ ୬ ହଜାରରୁ ୭ହଜାର ସଂକ୍ରମିତ ଚିହ୍ନଟ ହେଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୭ଶହରୁ ୮ଶହ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି ଯାହାକୁ ନେଇ ଲୋକମାନେ ଏକ ଭୟର ବାତାବରଣ ମଧ୍ୟରେ ଗତି କରି ଚାଲିଛନ୍ତି। କରୋନାର ଏଭଳି ଗମ୍ଭୀର ସ୍ଥିତିକୁ ଦୃଷ୍ଟିରେ ରଖି ସମାଜସେବୀ ପ୍ରତାପ ସାହୁ ପିପିଇ କିଟ୍ ପରିଧାନ କରି ରାଜଧାନୀର ବିଭିନ୍ନ ଅଂଚଳ ବୁଲି ସରକାରୀ ଓ ବେସରକାରୀ ଅଫିସ୍, ବସଷ୍ଟାଣ୍ଡ, ସରକାରୀ, ବେସରକାରୀ ବସ୍, ରେଲୱେ ଷ୍ଟେସନ, ବାହାର ରାଜ୍ୟରୁ ଫେରୁଥିବା ପ୍ରବାସୀମାନଙ୍କ ରହଣୀସ୍ଥଳୀ, ସୂଚନା ଭବନ, ସାମ୍ବାଦିକ ଭବନ, ରବୀନ୍ଦ୍ର ମଣ୍ଡପ, ବସ୍ତିଅଂଚଳ, ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ମାଗଣାରେ ସାନିଟାଇଜ କରିବା ସହିତ ଲୋକଙ୍କୁ ମାସ୍କ, ସାନିଟାଇଜର, ସାବୁନ ବଂଟନ କରି କରୋନା ଠାରୁ ଦୂରେଇ ରହିବା ପାଇ ସଚେତନ କରିବା ସହିତ ଅକ୍ସିମିଟର ଦ୍ୱାରା ଲୋକମାନଙ୍କ ଅମ୍ଳଜାନ ପରୀକ୍ଷା କରାଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ମହାମାରୀ କରୋନା ପ୍ରଥମେ ଯେତେବେଳେ ଓଡ଼ିଶାରେ ପ୍ରବେଶ କଲା, ସେବେଠାରୁ ପ୍ରତାପ ପ୍ରତ୍ୟେକ ଦିନ ରାଜଧାନୀ ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ଅଂଚଳ ବୁଲି ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ ସାନିଟାଇଜ କରିବା ସହିତ, ଗରିବ ଅସହାୟ ଲୋକମାନଙ୍କୁ ମାଗଣାରେ ମାସ୍କ, ସାନିଟାଇଜର, ସାବୁନ ଓ ରନ୍ଧାଖାଦ୍ୟ ଆଦି ପ୍ରଦାନ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ।

ଯୁବ କବି ବିଶ୍ୱନାଥ ନାୟକଙ୍କ କବିତା ପୁସ୍ତକ 'ଧୂନ୍' ଅତିଥିଙ୍କ ଦ୍ୱାରା ଲୋକାର୍ପିତ

ବାସୁଦେବପୁର,୨୭/୦୪ (ନି.ପ୍ର): ତିହିଡ଼ି ଟାଉନହଲ ପରିସରରେ ଯୁବକବି ବିଶ୍ୱନାଥ ନାୟକଙ୍କ ପ୍ରଥମ କବିତା ପୁସ୍ତକ 'ଧୂନ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଏହି ସଭାରେ କବି ଓ ଗୀତିକାର ପଞ୍ଚାନନ ନାୟକ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଲେ- କବିଟିଏ ଛଳନାକୁ ବାଦଦେଇ ନିଖୁଣ ବାସ୍ତବତାକୁ ନିଜ ସୃଷ୍ଟିରେ ପ୍ରତିଫଳିତ କରାଇବା ଆବଶ୍ୟକ । ଯୁବକବି ମାନଙ୍କ ଭିତରେ ପ୍ରଚୁର ପରିମାଣରେ ସୃଜନଶୀଳତା ଅଛି ଓ ସେମାନେ ଓଡ଼ିଆ ସାହିତ୍ୟରେ ନିଶ୍ଚିତ ସଫଳତା ଲାଭ କରିପାରିବେ । ମୁଖ୍ୟବକ୍ତା ଭାବେ ଚନ୍ଦ୍ରଭାଗାର ସଂପାଦକ କବି ଶ୍ରୀଦେବ, ସମ୍ମାନିତ ବକ୍ତା ଭାବେ ବରିଷ୍ଠ କଥାଶିଳ୍ପୀ ପବିତ୍ର ପାଣିଗ୍ରାହୀ, କବି ଦିବ୍ୟସିଂହ ଦାସଅଧିକାରୀ, କବି କେଦାର ମିଶ୍ର, କବି ଭାରତ ମାଝି, କବି ସୁବ୍ରତ ଦାସ ପ୍ରମୁଖ ଯୋଗ ଦେଇ କହିଲେ- କବିମାନେ ପୁସ୍ତକ ସହିତ ମଣିଷକୁ ପଢ଼ିବା ଆବଶ୍ୟକ ଏବଂ ତା' ସହିତ ସମଜର ପ୍ରତ୍ୟେକ ବର୍ଗର ଲୋକଙ୍କ ପ୍ରତିଛବିକୁ କବିତାରେ ରଙ୍ଗଦେବାର କୌଶଳ ଜାଣିବା ଆବଶ୍ୟକ । ସମସ୍ତ ଅତିଥିବନ୍ଧୁ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିବା ସହିତ 'ଧୂନ' ପୁସ୍ତକକୁ ଉନ୍ମୋଚନ କରିଥିଲେ । କବି ସଂଜିତ ବଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଭୁବନେଶ୍ୱର ବର୍ଷା ପବ୍ଲିକେଶନର ପ୍ରକାଶକ କବି ବାଦଲ ମହାନ୍ତି ପ୍ରକାଶକୀୟ ମତାମତ ରଖିଥିଲେ । କବି ବିଶ୍ୱନାଥ ନାୟକ ନିଜର ଲେଖକୀୟ ଅଭିବ୍ୟକ୍ତ ବାଢ଼ିଥିଲେ । କବି ଡକ୍ଟର ଅବନୀ ପ୍ରଧାନ ସିତାଂଶୁ ଲେଙ୍କା, ନର୍ମଦା ନୀଲୋତ୍ପଳା, ଯୋଗ୍ୟଶ୍ରୀ ସାମଲ, ପ୍ରଦୀପ୍ତ ମହାନ୍ତି, ସତ୍ୟସାହୁ, ରଶ୍ମିରେଖା ବଳ, ପୁଷ୍ପାଞ୍ଜଳି ତ୍ରିପାଠୀ, ରୋଜାଲିନ ରାଉତ, ରବି କୁମାର ମହାନ୍ତି, ବାଇଧର ନାୟକ, ଆଶୁତୋଷ କରଣ, ଭଗବାନ ପାଣିଗ୍ରାହୀ, ସରପଞ୍ଚ ପ୍ରତାପ ଜେନା, ଶିକ୍ଷାବିତ୍ ସୋମନାଥ ପାଢ଼ୀ, ସମାଜସେବୀ ସୁରେନ୍ଦ୍ର ନାୟକ, ଚିନ୍ତାମଣି ଦାସ, ରୁବିଲତା ଦାସ, ସୁରେନ୍ଦ୍ର ବଳ, ଭାଗିରଥୀ ବଳ, ରଘୁନାଥ ପାତ୍ର, ମନୋଜ ପାଣିଗ୍ରାହୀ, କାହ୍ନୁ ମିଶ୍ର, କେଶବ ବେହେରା, ଲୁଲୁ ନାୟକ, ଭବାନୀ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ କବି କୃପାସିନ୍ଧୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାରେ ମହଜୁଦ କୋଭିଡ ଭ୍ୟାକ୍ସିନ ଶେଷ!

ବନ୍ଦ ହେଲା ୬୪ ଟିକାଦାନ କେନ୍ଦ୍ର

ବାଲେଶ୍ୱର,୨୭/୦୪ (ନି.ପ୍ର): ସମ୍ପ୍ରତି ହୁହୁ ହୋଇ ବଢୁଥିବା କରୋନା ସଂକ୍ରମଣକୁ ନେଇ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଥିବା ବେଳେ କୋଭିଡ ଭେକ୍ସିନ ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଆସନ୍ତା୧ ତାରିଖରୁ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେବା ନେଇ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ବେଳେ ଏବେ ଭ୍ୟାକ୍ସିନ ଅଭାବରୁ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଅଧାରୁ ବନ୍ଦ କରିବାକୁ ପଡୁଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ସ୍ଥିତି ଅତ୍ୟନ୍ତ ଦୁର୍ବିସହ ହୋଇପଡ଼ିଛି। ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ମୋଟ ୭୦ ଗୋଟି ଟିକା କେନ୍ଦ୍ରରୁ ଆଜି ୬୪ ଗୋଟି କେନ୍ଦ୍ରକୁ ବନ୍ଦ କରାଯାଇଛି। ଜିଲାର ଅନ୍ୟାନ୍ୟ କେନ୍ଦ୍ର ତୁଳନାରେ ମୁଖ୍ୟ ଚିକିତ୍ସାଳୟସ୍ଥିତ କେନ୍ଦ୍ରରେ ପ୍ରତିଦିନ ଅଧିକ ଲୋକେ ଟିକା ନେଇଥା'ନ୍ତି। ପ୍ରଥମେ ପ୍ରଥମେ ବରିଷ୍ଠ ନାଗରିକଙ୍କ ସମେତ ଅନ୍ୟାନ୍ୟ ରୋଗରେ ପୀଡ଼ିତ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକେ ଟିକା ନେବାକୁ ଆସୁଥିଲେ। ସେତେବେଳେ ପ୍ରତିକେନ୍ଦ୍ରରେ ଲୋକଙ୍କ ସଂଖ୍ୟା କମ ଥିବାରୁ ଟିକାଦାନ କେନ୍ଦ୍ରରେ ଏତଟା ଭିଡ଼ ହେଉନଥିଲା। ମାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ପାଇଁ ସରକାର ମାଗଣା ଟିକା ବ୍ୟବସ୍ଥା କରିବା ପରେ ପ୍ରତି କେନ୍ଦ୍ରରେ କ୍ରମଶଃ ଭିଡ଼ ହେବାକୁ ଲାଗିଲା। ମାତ୍ର କରୋନା ସଂକ୍ରମଣ ହାର ବୃଦ୍ଧି ପାଇବା ଓ ଅମ୍ଳଜାନ ଅଭାବରୁ ଦେଶର ବିଭିନ୍ନ ସ୍ଥାନରେ କରୋନା ରୋଗୀଙ୍କ ମୃତ୍ୟୁ ହେବା ସମ୍ବାଦ ପ୍ରଚାର ପ୍ରସାର ଫଳରେ ସାଧାରଣରେ କୋକୁଆ ଭୟ ସୃଷ୍ଟି ହେବାକୁ ଲାଗିଲା। ଏହି କ୍ରମରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ କେନ୍ଦ୍ରରେ ଟିକା ପାଇଁ କ୍ରମଶଃ ଭିଡ଼ ବଢ଼ିବାକୁ ଲାଗିଲା। ମଙ୍ଗଳବାର ମଧ୍ୟାହ୍ନରେ ଏହି କେନ୍ଦ୍ରରେ ଶହ ଶହ ସଂଖ୍ୟାରେ ବରିଷ୍ଠ ନାଗରିକ ଟିକା ନେବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଇତିମଧ୍ୟରେ କୋଭିଡ ଡୋଜ ଶେଷ ହୋଇ ଆସୁଥିବା ଦେଖି କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ କିଛି ସମୟ ପାଇଁ ଟିକାକରଣକୁ ଧିମା କରିଦେଇଥିଲେ। ଖରାରେ ଛିଡ଼ା ହୋଇଥିବା ଲୋକଙ୍କ ବିରକ୍ତି ପ୍ରକାଶ ଦେଖି ଶେଷରେ ଟିକାକରଣ ବନ୍ଦ ଘୋଷଣା କରାଯାଇଥିଲା। ମହଜୁଦ ଥିବା ୩୨୦ ପାନ ଟିକା ପାଇଁ ଜିଲାର ୬ ଗୋଟି କେନ୍ଦ୍ରକୁ କାର୍ଯ୍ୟକ୍ଷମ ରଖାଯାଇ ବାକି ସମସ୍ତ କେନ୍ଦ୍ରକୁ ବନ୍ଦ କରି ଦିଆଯାଇଛି।

ଏନସିସି ବାଟାଲିୟନ୍ ପକ୍ଷରୁ ଏକ ଭାରତ ଶ୍ରେଷ୍ଠ ଭାରତ ସପ୍ତାହ ଉଦ୍‌ଘାଟିତ

ପୁରୀ,୨୭/୦୪ (ନି.ପ୍ର): ଷଷ୍ଠ ଓଡିଶା ଏନସିସି ବାଟାଲିୟନ୍ ଓ ବ୍ରହ୍ମପୁର ଗ୍ରୁପ ପକ୍ଷରୁ ସ୍ଥାନୀୟ ଏନସିସି କାର୍ଯ୍ୟାଳୟ ଠାରେ ଏକ ଭାରତ ଶ୍ରେଷ୍ଠ ଭାରତ ସପ୍ତାହ ଉଦଘାଟିତ ହୋଇଛି । ଏହାକୁ ବ୍ରହ୍ମପୁର ଗ୍ରୁପ କମାଣ୍ଡାର କର୍ଣ୍ଣେଲ ଆଜାଦ ଉଦଘାଟନ କରିଥିଲେ । ଏହି ଭର୍ଚୁଆଲ ଉତ୍ସବରେ ଦିଲ୍ଲୀ ଏନସିସି ନିର୍ଦ୍ଦେଶାଳୟ ଓ ଓଡିଶା ବାଟାଲିୟନର ୪ଶହ ଏନସିସି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏଥିରେ ବାଟାଲିୟନର ଅଧିକାରୀ କର୍ଣ୍ଣେଲ ପ୍ରସନ୍ନ କୁମାର ପଣ୍ଡା, ସୁରଜମଲ୍ଲ ଶାହା କଲେଜର ଏନସିସି ଅଧିକାରେ ଶୁଭେନ୍ଦୁ ମିଶ୍ର, ରାଜଧାନୀ କଲେଜର ଏନସିସି ଅଧିକାରୀ ଲେଫ୍ଟନା ବିଭୁତିଭୂଷଣ ମହାପାତ୍ର, ଲେଫ୍ଟନା ଏସ.କେ ସୁନ୍ଦରାୟ, ଅଫିସର ତାରେକ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଜାତୀୟ ସଂହତି, ରାଷ୍ଟ୍ରୀୟ ଏକତା ସଂପର୍କରେ ଆଲୋକପାତ କରିଥିଲେ । ଦିଲ୍ଲୀ ଓ ଓଡିଶା ରାଜ୍ୟର ସାଂସ୍କୃତିକ, ପ୍ରାକୃତିକ, ସାମାଜିକ, ଆର୍ଥିକ ବିଷୟ ସମ୍ପର୍କରେ ଛାତ୍ରଛାତ୍ରୀମାନେ ଭାବର ଆଦାନ ପ୍ରଦାନ କରିଥିଲେ । ଏହି ଉତ୍ସବ ଆସନ୍ତା ୫ଦିନ ଧରି ଚାଲିବ ବୋଲି ଏନସିସି ପକ୍ଷରୁ ଜଣାଯାଇଛି ।

ବାଲେଶ୍ୱରରେ କୋଭିଡ ପରିଚାଳନା ସ୍ଥିତି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

ବାଲେଶ୍ୱର,୨୭/୦୪ (ନି.ପ୍ର): ଦ୍ୱିତୀୟ ଲହରରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ରୋକିବା ଦିଗରେ ବାଲେଶ୍ୱର ଜିଲାର କୋଭିଡ-୧୯ ପରିଚାଳନା ସ୍ଥିତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସଦଭାବନା ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଏମଏସଏମଇ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଏହି ବୈଠକରେ ଯୋଗଦେଇ ବାଲେଶ୍ୱର ଜିଲା ସଦର ମହକୁମା ସମେତ ବିଭିନ୍ନ ବ୍ଲକ ଅଞ୍ଚଳରେ କୋଭିଡ ସ୍ଥିତି ଓ ଏହାର ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷ କରି ଜିଲାର କୋଭିଡ ପରୀକ୍ଷା, ଟିକାକରଣ, କୋଭିଡ ହସପିଟାଲ, କୋଭିଡ କେୟାର ସେଣ୍ଟର ପରିଚାଳନା ସମ୍ପର୍କରେ ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ତେବେ ଦେଶର ବିଭିନ୍ନ ରାଜ୍ୟରେ ଉପୁଜିଥିବା ଅମ୍ଳଜାନ ଅଭାବ ଭଳି ବାଲେଶ୍ୱରରେ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ନାହିଁ ବୋଲି ଜିଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀ ସୂଚନା ଦେଇଥିଲେ। ଜିଲାରେ ଚଳିତ ଏପ୍ରିଲ ମାସ ୧ ତାରିଖରୁ ୨୬ ତାରିଖ ସୁଦ୍ଧା ୧୪୫୪ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ତନ୍ମଧ୍ୟରୁ ୬୧୦ଜଣ ଆରୋଗ୍ୟ ଲାଭ କରିଛନ୍ତି। ଜିଲା କୋଭିଡ ହସପିଟାଲର ଶଯ୍ୟାସଂଖ୍ୟା ୮୯ଜଣ, ଏଫଏମ ମେଡିକାଲ କଲେଜ ହସପିଟାଲରେ ୧୫୦ଜଣ, ଆଦର୍ଶ ବିଦ୍ୟାଳୟ କୋଭିଡ କେୟାର ସେଣ୍ଟରରେ ୭୩ ଜଣ ଚିକିତ୍ସିତ ହେଉଥିବା ବେଳେ ୬୭୯ଜଣ ଘରୋଇ ପୃଥକବାସରେ ଅଛନ୍ତି। ପୃଥକାବାସରେ ଥିବା ଲୋକଙ୍କ ଅମ୍ଳଜାନ ସ୍ତର ମାପିବା ପାଇଁ ୨୦୧୪ ଆଶାକର୍ମୀଙ୍କୁ ନିମନ୍ତେ ଅକ୍ସିମିଟର ଯୋଗାଇ ଦେବାକୁ ମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ କରୋନା ସଂକ୍ରମଣ ରୋକିବା ପାଇଁ ସାମାଜିକ ଦୂରତା ରକ୍ଷା ଓ ମାସ୍କ ପରିଧାନ କଡ଼ାକଡ଼ି କରିବା ଉପରେ ଏହି ବୈଠକରେ ଆଲୋଚିତ ହୋଥିଲା। ଜନଗହଳି ରୋକିବା, ପଶ୍ଚିମବଙ୍ଗରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖିବା, ହସପିଟାଲରେ କୋଭିଡ କେଶ ପାଇଁ ୦୬୭୮୨-୨୬୮୮୩୦ ନଂରେ ୨୪ ଘଣ୍ଟିଆ କଂଟ୍ରୋଲରୁମ୍ ଖୋଲିବା, ସଦର ମହକୁମା ଓ ଜିଲାର ୧୨ ଗୋଟି ବ୍ଲକ ପାଇଁ ୧୩ ଗୋଟି ରାପିଡ୍ ରେସପନ୍ସ ଟିମ, ୨୪ ଗୋଟି ମୋବାଇଲ ହେଲଥ ଟିମ କାର୍ଯ୍ୟ କରିବା ଉପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ବୈଠକରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ୨୬ ତାରିଖ ସୁଦ୍ଧା ଜିଲାରେ ୩ଲକ୍ଷ ୬୯ ହଜାର ୧୯୧ ଜଣଙ୍କୁ କୋଭିଡ ଭେକ୍ସିନ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସମିତ କୁମାନ୍ନାୟକ ଓ ନୀଲୁ ମହାପାତ୍ର, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲାପାଳ ପାଟିଲ ଆଶିଷ ଈଶ୍ୱର, ପ୍ରେବେସନର ଆଇଏଏସକୁନାଲ ଚୌହାନଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦ୍ଦେବ, ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସୁଜାତା ମହାପାତ୍ର, ଭେଷଜ ବିଶେଷଜ୍ଞ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଡିପିଏମ ଅନୀଲ ମହାନ୍ତି, ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

୬୦ ହାତୀଙ୍କ ଉତ୍ପାତ : ବ୍ୟାପକ ଚାଷଜମି କ୍ଷୟକ୍ଷତି

ଜଳେଶ୍ୱର, ୨୭/୪ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ଅଂଚଳରେ ବର୍ଷ ତମାମ ପଶ୍ଚିମବଂଗର ଦଲାମା ଓ ଶିମିଳିପାଳ ହାତୀମାନେ ତାଣ୍ଡବ ରଚୁଛନ୍ତି । ଏଥିଲାଗି ହାତୀମାନଙ୍କୁ ନିୟନ୍ତ୍ରଣ ଲାଗି ହୋଇଥିବା ଯୋଜନ ଅଧାପନ୍ଥୁରିଆ ରହିଛି । ଲୋକଙ୍କ ଧନଜୀବନ ନଷ୍ଟ ହେଉଥିବାରୁ ଅଂଚଳବାସୀ ଆଶଙ୍କାରେ ରହିଛନ୍ତି । ଏବେ ରବି ଧାନ ଅମଳ ସମୟ ଥିବାରୁ ଶିମିଳିପାରୁ ପ୍ରାୟ ୪୦ଟି ହାତୀ ଆସି ଲୁହାପଡା ଜଂଗଲରେ ରହିଥିଲେ । ପୁଣି ଗତକାଲି ପଶ୍ଚିମବଂଗର ଦଲମା ଅଂଚଳରୁ ୨୦ଟି ହାତୀ ସେଠାରେ ପହଞ୍ଚି ଚାଷଜମି ମୁହାଁ ହୋଇଛନ୍ତି । ଫଳରେ ରଂଗାମାଟିଆ, ବେଗୁନିଆ, ଚୁଡାମଣିପୁର, ଆନ୍ଦିଶୋଳ ଗ୍ରାମର ଦୀପକ ମହନ୍ତ, ରାସବିହାରୀ ମହନ୍ତ, ମହେନ୍ଦ୍ର ମହନ୍ତ, ଆଶୁତୋଷ ମହନ୍ତ, ଅତୁଲ ମହନ୍ତ, ଦଶରଥ ହାଁସଦା, ମଣ୍ଡଳ ହାଁସଦା, ଶାନ୍ତି ରାମ ମହାନ୍ତ, ପରେଶ ମହନ୍ତ, ମହନ ମାରାଣ୍ଡି, ସୁବଲ ମହନ୍ତ, ମୁଚିରାମ ମୁର୍ମୁ, ଲସ ମୁର୍ମୁ, ସୁରେନ୍ଦ୍ର ମୁର୍ମୁ, ମାଣିକମୁର୍ମୁ, ରାଧାରଂଜନ ପ୍ରଧାନ, ଚିତ୍ତରଂଜନ ପ୍ରଧାନ, ମନରଂଜନ ପ୍ରଧାନ, ପ୍ରଦୀପ ସାମଲ ପ୍ରମୁଖଙ୍କ ଚାଷଜମିରୁ ଧାନ ଖାଇବା ସହ ଘାଣ୍ଟି ନଷ୍ଟ କରିଛନ୍ତି । ଏବେ ହାତୀମାନେ ଲୁହାପଡା ଜଂଗଲ ସହିତ ଦୁଧିଆଶୋଳ, ସୁଖଯୋଡି, କେନ୍ଦୁଖୁଣ୍ଟା, ଧାନଘେରା, ଆମ୍ବିଶୋଳ ଜଂଗଲରେ ବିଚରଣ କରୁଥିବା ଦେଖିବାକୁ ମିଳିଛି । ବାଲେଶ୍ୱର ଡିଏଫଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ରେଞ୍ଜର ସରୋଜ ମହାନ୍ତି ଓ ନୀଳଗିରିରୁ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଛି ହାତୀମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି । ହାତୀମାନଙ୍କୁ ରୋକିବାଲାଗି ଟେଞ୍ଚଖୋଳା କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ତାହା ସଂପୂର୍ଣ୍ଣ ହେଉନଥିବାରୁ ଏପରି ଘଟଣା ଘଟୁଥିବା ସର୍ଦ୍ଦାରବନ୍ଧ ସରପଂଚ ଦିଲ୍ଲୀପ ସାମଲ, ଅଜୟ ମହାନ୍ତି, କାଳିକ ସରପଂଚ ବିଜୟ ବେହେରା, ଗଂଗାଧର ଦାସ, ଓଲମରା ସରପଂଚ ଯତିନ୍ଦ୍ର ମହାନ୍ତି, ବ୍ରିଜେଶ ରଣା, ମନୋଜ ସାସମଲ ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି ।

କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୨ ଗିରଫ, ୫୭୯ ବାହନ ଜବତ

ଭୁବନେଶ୍ୱର,୨୭/୦୪ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୨ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୫୭୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୩,୬୮,୬୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ଦିନକରେ ଚିହ୍ନଟ ୭୮ ନୂଆ ସଂକ୍ରମିତ

୧୪ ହଜାର ଟପିଲା ଜିଲାର କରୋନା ଆକ୍ରାନ୍ତଙ୍କ ସଂଖ୍ୟା

ବାଲେଶ୍ୱର,୨୭/୦୪ (ନି.ପ୍ର): ଦିନକୁ ଦିନ ବାଲେଶ୍ୱର ଜିଲାର କରୋନା ସ୍ଥିତି ସଙ୍ଗୀନ ହେବାକୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଗତ ୨୪ଘଣ୍ଟା ମଧ୍ୟରେ ୭୮ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଆକ୍ରାନ୍ତଙ୍କ ମଧ୍ୟରେ ସହରର ଅଙ୍ଗାରଗଡ଼ିଆ, ଗୋପାଳଗାଁ, ସହଦେବଖଣ୍ଟା, ମଠସାହି, ମୋତିଗଞ୍ଜ, ଗଡ଼ଗଡ଼ିଆ ଛକ, ତେଲେଙ୍ଗାସାହି ପ୍ରଭୃତି